Digitized by srujanika@gmail.com

Split by PDF Splitter



## NOTICE.

Tenders are invited for the following works and will be received up to 10th March 1907. Intending tenderers can obtain information respecting them and tender forms from this office. The undersigned does not bind himself to accept the lowest or any tender.

| | |
|---|---|
| 1. Latrine at Nayabazar | Rs. 24 |
| 2. Metalling Tanghi Ghanti munda road | 788 |
| 3. Road from 4th mile Ganjam road to 8th mile Sonepur road | 8000 |
| 4. Culverts on 12th and 13th miles Sonepur road | Rs 1171 |
| 5. Operation room for Dharamsalla Dispensary | Rs 285 |

N. N. Mitra
District Engineer
Cuttack

WANTED a Hospital Assistant on a Salary of Rs 35 rising to Rs 45 per month for the Anantapur Charitable Dispensary. A candidate passed from the Campbell Medical School, Calcutta, and having some experience will be preferred. Applications will be received up to the 15th of March 1907 by the undersigned.

Anantapur 18-2-07 } Rajendranath Bose
Sub-manager
Kujang Estate
P. O. Kujang Dt Cuttack

Wanted a perepetalic Gymnastic teacher at Rs 15 pay, plus Rs 3 consolidated Travelling allowance per month. Preference will be given to the candidate who has passed the examination of Cuttack Training School.

Applications will be received by the undersigned up to 15th March 1907.

Balasore D. Bds' office } T. N. Bose
Ad: Vice Chairman

### ବିଜ୍ଞାପନ ।

ଅନୁଗୁଳ ବନ୍ଦୋବସ୍ତ ଅଫିସ ନିମନ୍ତେ ଟ ୧୫୮ ହା ବେତନରେ ତ ୧୦ ଣ ମୋହରର ଓ ଜ ୨୦ ଣ ଟ୍ରେସର ଦରକାର, ତେଣୁକରି ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଉପରୋକ୍ତ କାର୍ଯ୍ୟ ସକାଶେ ଇଚ୍ଛୁକ ହେବେ ସେମାନେ ଆପଣାର ଦରଖାସ୍ତ ସହିତ ପ୍ରଶଂସା ପତ୍ରର ନକଲ ଆମ୍ଭ ନିକଟ ଉଲ୍ଲିଖିତ ଠିକଣାକୁ ଆସନ୍ତା ମାର୍ଚ୍ଚ ମାସ ତା ୮ ରିଖ ମଧ୍ୟରେ ପଠାଇବେ । ପ୍ରକାଶ ଥାଉ କି ଯେଉଁମାନେ ମୋହରର କାର୍ଯ୍ୟ ସକାଶେ ପ୍ରାର୍ଥୀ ହେବେ ସେମାନଙ୍କର ଓଡ଼ିଶା ସେଟଲମେଣ୍ଟରେ ଅଟେଷ୍ଟେସନ ଓ ଆସେସମେଣ୍ଟ ପାରଦର୍ଶିତା ଦେଖି ମଞ୍ଜୁର କରାଯିବ ।

ଅନୁଗୁଳ
ତା ୨୧ ରିଖ ଫିବ୍ରେରୀ
ସନ ୧୯୦୭ ମସିହା } Narayan Ch Naik
ସେଟଲମେଣ୍ଟ ଅଫିସର
ଅନୁଗୁଳ

### ଘୋଷଣାପତ୍ର ।

ଲିଖିତଂ ଘୋଷଣାପତ୍ର ମୋହନ ଦେହୁରୀ ପିତା ମୃତ୍ୟୁର ଦେହୁରୀ । ସା । ଗୋପାଳପ୍ରସାଦ । ଜି । କ୍ଷେମାଇଁ । କ । ତାଲଚେର ଏହିକି ଆମ୍ଭ ପିତା ବୃଦ୍ଧାବସ୍ଥାଯୋଗୁଁ ଦେହୁରୀ କାର୍ଯ୍ୟକୁ ଅପାରଗ ହେବାରୁ ଶ୍ରୀ ଶ୍ରୀମୂରୁ ଆମ୍ଭଙ୍କୁ ହିଙ୍ଗୁଳା ଠାକୁରାଣୀଙ୍କ ପ୍ରଧାନ ଦେହୁରୀ କାର୍ଯ୍ୟରେ ନିଯୁକ୍ତ କରି ଯାଇଥିବାରୁ ଆମ୍ଭେ ଏତଦ୍ଦ୍ୱାରା ଏହି ପ୍ରକାଶ କରୁଅଛୁଁ ଯେ କେତେକ ଲୋକ ଗଡ଼ଜାତମାନଙ୍କରେ ଓ ମୋଗଲବନ୍ଦିରେ ଆମ୍ଭର ଗୁମାସ୍ତା ବୋଲି ପରିଚୟ ଦେଇ ହିଙ୍ଗୁଳା ଠାକୁରାଣୀଙ୍କ ନାମରେ ଟଙ୍କା ଏବଂ ଅନ୍ୟାନ୍ୟ ଭେଟି ସଂଗ୍ରହ କରି ବୁଲୁଥିବାର ଶୁଣାଯାଏ ସେମାନଙ୍କ ମଧ୍ୟରୁ କେହିଁ ସ୍ତ୍ରୀ ଓ ପିଲାମାନଙ୍କଦ୍ୱାରା ମଧ୍ୟ ଉକ୍ତ କର୍ମ କରାଇ ଥାନ୍ତି । ସେମାନେ ସମୟେ ସମୟେ ଲୋକମାନଙ୍କୁ ଭୟ ଦେଖାଇଥାନ୍ତି । ଏବଂ ହିଙ୍ଗୁଳାଠାକୁରାଣୀଙ୍କ କୋପ ହେଲେ ଗ୍ରାମମାନ ଅଗ୍ନିଦ୍ୱାରା ପୋଡ଼ି ଯିବାର ମଧ୍ୟ ଗ୍ରାମବାସୀମାନଙ୍କୁ ଧମକାନ୍ତି ଓ ଅନେକ ସମୟରେ ତାହାର ଫଳ ସ୍ୱରୂପ ହଠାତ୍ ଅଗ୍ନିକାଣ୍ଡ ଘଟଣା ହୋଇ ସେହି ଗୃହମାନ ଜଳି ଯିବାର ଶୁଣାଯାଏ । ଏବଂ ଏହି ଲୋକମାନଙ୍କଦ୍ୱାରା ଉକ୍ତ କାର୍ଯ୍ୟ ହୋଇଥିବାର ସନ୍ଦେହ ମଧ୍ୟ ହୋଇଥାଏ । ଏହି କାରଣମାନଙ୍କ ହେତୁରୁ ଆମ୍ଭେ ଏତଦ୍ଦ୍ୱାରା ଶ୍ରୀ ଶ୍ରୀମୂରେ ପ୍ରତିଜ୍ଞା ପୂର୍ବକ ଜଣାଉଅଛୁଁ ଯେ ହିଙ୍ଗୁଳା ଠାକୁରାଣୀଙ୍କ ସକାଶେ ଟଙ୍କା ଜମା ଭେଟି ସଂଗ୍ରହ କରିବା ନିମିତ୍ତ ଆମ୍ଭେ ଗୁମାସ୍ତା ନିଯୁକ୍ତ କରୁ ନାହୁଁ । ଯେଉଁମାନେ ଏହି ଉଦ୍ଦେଶ୍ୟରେ ଇତସ୍ତତଃ ବୁଲୁଅଛନ୍ତି ସେମାନେ ଠକ ଏବଂ ସେମାନଙ୍କୁ ଉତ୍ସାହିତ କରିବା ଉଚିତ ନୁହେ । ସେମାନଙ୍କୁ ହିଙ୍ଗୁଳା ଠାକୁରାଣୀଙ୍କ ନାମରେ କିଛି ଦେବା ମଧ୍ୟ କର୍ତ୍ତବ୍ୟ ନୁହେ । ଅତଏବ ଯେପରି ଠକମାନଙ୍କୁ ଦେଖିଲେ ପୋଲୀସକୁ ସମ୍ବାଦ ଦେଇ ସେମାନଙ୍କ ଦୋଷ ସାବ୍ୟସ୍ତ କରାଇ ଦେବାକୁ ଯେଉଁମାନେ ତତ୍ପର ହେବେ ସେମାନେ ପ୍ରକୃତ ହିନ୍ଦୁଧର୍ମାବଲମ୍ବିର କାର୍ଯ୍ୟ କରିବେ । ଏବଂ ଏପରି କାର୍ଯ୍ୟଦ୍ୱାରା ହିଙ୍ଗୁଳା ଠାକୁରାଣୀଙ୍କର ସମସ୍ତ କଳଙ୍କ ଦୂର ହେବ । ଲୋକମାନଙ୍କ ଘର ପୋଡ଼ିଦେବା କଦାପି ଠାକୁରାଣୀଙ୍କର କାର୍ଯ୍ୟ ନୁହେ । ଉପରୋକ୍ତ ଠକମାନେ ସ୍ୱସ୍ୱାର୍ଥ ଅର୍ଥ ଭୁଲାଇ ଲୋକମାନଙ୍କ ମନରେ ହିଙ୍ଗୁଳା ଠାକୁରାଣୀଙ୍କ ନାମ କଳଙ୍କିତ କରୁଅଛନ୍ତି । ଘର ପୋଡ଼ି ଦେବାଠାରୁ ମହାପାପ ଆଉ କିଛି ଏ ସଂସାରେ ନାହିଁ । ଯେଉଁମାନେ ଜାଣି ଶୁଣି ଘରପୋଡ଼ିଆଙ୍କ ଦୋଷ ଲୁଚାନ୍ତି ସେମାନେ ସେହି ମହାପାପଭୋଗୀ ଅଟନ୍ତି ।

ଅଧିକ ମଧ୍ୟ ଶ୍ରୀ ହଜୁରରେ ପ୍ରତିଜ୍ଞା ପୂର୍ବକ ଏକରାର କରୁଅଛୁ ଯେ ଆମ୍ଭେ କୌଣସି କାରଣରୁ କୌଣସି ସମୟରେ ଠାକୁରାଣୀଙ୍କ ନିମିତ୍ତ ଭେଟି ଓ ଭୋଗର ସଂଗ୍ରହ କରିବାକୁ ଗୁମାସ୍ତା ନିଯୁକ୍ତ କରୁ ନାହୁଁ କିମ୍ବା ଜମା କରି ସ୍ଥାନାନ୍ତରରେ ପଠାଉ ନାହୁଁ । ଯଦି ଏ ପ୍ରକାର ଗୁମାସ୍ତା ନିଯୁକ୍ତ କରିବାର କିମ୍ବା ପଠାଇବାର ପ୍ରମାଣ ହୁଅଇ ତେବେ ଶ୍ରୀ ହଜୁରରୁ ଆମ୍ଭଙ୍କୁ ଯଥୋଚିତ ଦଣ୍ଡ ପ୍ରଦାନ କରାଯିବ ।

୧୫।୨।୦୭ { ମୋହନ ଦେହୁରୀ
। ସା । ଗୋପାଳପ୍ରସାଦ
। କ । ତାଲଚେର

ତାଲଚେର, ଗୋପାଳପ୍ରସାଦ ହିଙ୍ଗୁଳା ଠାକୁରାଣୀଙ୍କ ଦେହୁରୀ ମୋହନ ଦେହୁରୀର ଉପରୋକ୍ତ ଘୋଷଣାପତ୍ର ସର୍ବସାଧାରଣଙ୍କ ଜ୍ଞାତ ସକାଶେ ପ୍ରଚାର କରାଗଲା । ଇତି ।

୨୦।୨।୦୭ } Raja of Talcher

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସନ ୧୯୦୭ ମସିହାର ଅପ୍ରେଲ ମାସଠାରୁ ସନ ୧୯୦୮ ମସିହା ମାର୍ଚ୍ଚ ମାସ ଶେଷ ମୁଦ୍ଦା ବା ୧ ବର୍ଷ ସକାଶେ ଏ ରାଜ୍ୟର ଗଞ୍ଜା, ଲାଇସେନସ୍ ଓ ଅବକାରୀ ଦୋକାନମାନ ଓ ସୁନାର ଛେଉ ଆସନ୍ତା ମାର୍ଚ୍ଚ ମାସ ତା ୨୦ ରିଖ ଦିବା ଘ ୧୧ ଟା ଠାରୁ ଅପରାହ୍ଣ ଘ ୫ ଟା ପର୍ଯ୍ୟନ୍ତ ନୟାଗଡ଼ କଚେରୀଠାରେ ନିଲାମ ହେବ ଯେଉଁମାନେ ନିଲାମରେ ନେବାକୁ ଇଚ୍ଛା କରିବେ ସେମାନେ ହାଜର ହୋଇ ନିଲାମ ଡାକ ଡାକିବେ ଯାହାଙ୍କର ଡାକ ସର୍ବୋଚ୍ଚ ହେବ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ଖତମ କରା ଯାଇ ଲାଇସେନସ ଦିଆଯାଇ ପାରିବ ସେ ଚତୁର୍ଥାଂଶ ଫିସ ତତ୍‌କ୍ଷଣାତ୍ ଡିପୋଜିଟ କରିବେ ଓ ଆଇନାନୁସାରେ ସମସ୍ତ କଥା ପ୍ରତିପାଳନ କରିବେ ।

G S Mahanti
Government Agent Nayagarh
10-2-07

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ଅତ୍ର ଦଶପଲ୍ଲା ରାଜ୍ୟର ନିମ୍ନଲିଖିତ ଦ୍ରବ୍ୟ ସବୁ, ଅଫିମ ପ୍ରଭୃତି ଅବକାରୀ ଦୋକାନ ଓ ଚମଡ଼ା ସିଙ୍ଗ ଇତ୍ୟାଦି ଅତ୍ର ରାଜ୍ୟ ସଦର କଚେରୀରେ ଆସନ୍ତା ମାର୍ଚ୍ଚମାସ ତା ୧୫ ରିଖରେ ନିଲାମ କରାଯିବ । ସୁତରାଂ ଯେଉଁମାନଙ୍କର ନିଲାମ ଡାକିବାର ଇଚ୍ଛା ଥାଏ ସେମାନେ ପ୍ରୋକ୍ତ ତାରିଖ ଦିବା ଘ ୧୧ ଟା ସମୟରେ ଏ କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକିପାରିବେ ।

Raj office
Daspalla
8-2-07 } B. Biswal
Dewan
For Raja

Digitized by srujanika@gmail.com

# ବିଜ୍ଞାପନ ।


ସ୍ୱଦେଶୀ

ସୁବାସିତ ମନୋମୋହିନୀ ତେଲ

ଓଡ଼ିଶାର ପ୍ରଥମ ଆବିଷ୍କୃତ ଅଟେ ।

ଏହା ଦେଖିବାକୁ ଯେପରି ସୁନ୍ଦର ସୁଗନ୍ଧରେ ସେହିପରି ମନୋହର ଏହା ବ୍ୟବହାରରେ ମସ୍ତିଷ୍କ ଶୀତଳ ହୁଏ କେଶ ବୃଦ୍ଧି ହୁଏ । ମୁଣ୍ଡ ବୁଲା ଓ ମୁଣ୍ଡ ଧରା ରୋଗ ଏବଂ ଟାଙ୍ଗର ଇତ୍ୟାଦି ଆରୋଗ୍ୟ ହୁଏ ଏହା ଅତ୍ୟନ୍ତ ପରିଶ୍ରମୀ ବ୍ୟକ୍ତି ଏବଂ ଯୁବ-ତୀମାନଙ୍କ ପକ୍ଷରେ ଗୋଟିଏ ଆଦରଣୀୟ ଉପହାର ଅଟେ । ମୂଲ୍ୟ ପ୍ରତି ଶିଶି ଟ ୦ ।୵

ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର ଲାଗିବ. ପଠାଇଲେ ଭି: ପି: ରେ ମଧ୍ୟ ପଠାଯାଏ । ପ୍ରାପ୍ତିସ୍ଥାନ:—

ଏସ୍, ଏ, ଓୟାହେଦ୍ ,

କାଲୀଗଳି, କଟକ ,

ଏବଂ ଗୃନ୍ଦବାଲ ।

ଦୈବପ୍ରଦତ୍ତ ।

ମାଦୁଲୀ ମାଦଲୀ ମାଦଲୀ

ଥରେ ନେଇ ପରୀକ୍ଷା କର

ଥରେ ନେଇ ପରୀକ୍ଷା କର

ସ୍ୱପ୍ନଲବ୍ଧ ବାତଜ୍ୱର ମାଦଲୀ ।

ଏହା ଧାରଣରେ ନାନାବିଧ ବାତରୋଗ— ଏବ ନାନାବିଧ ଜ୍ୱର ଓ ବାତଜ୍ୱର—ପାଳିଜ୍ୱର, ଦୁଃସ୍ୱପ୍ନ ପୁରୁଷର ସ୍ୱପ୍ନଦୋଷ—ରମଣୀମାନଙ୍କର କାଲପୁରୁଷ ସହବାସଜନିତ ପଞ୍ଚମ ଷଷ୍ଠମାସରେ ଗର୍ଭପାତ ପର୍ଯ୍ୟନ୍ତ ଉପୃଙ୍କର ଅରିଷ୍ଟରୁ ରକ୍ଷାକରେ ଯେଉଁମାନେ ବାତଜ୍ୱରରେ ଦଶାବ୍ଦରୁ ଅଧିକ ହେବ ପ୍ରାଣାନ୍ତକ କଷ୍ଟ ଭୋଗ କରୁଅଛନ୍ତି— ଯେଉଁମାନେ ନାନାବିଧ ମୂଲ ଧାରଣକରି ଔଷଧ ଭକ୍ଷଣକରି ଉପରଲିଖିତ ଉପଦ୍ରବମାନଙ୍କର କବଳରୁ ରକ୍ଷା ନ ପାଇ ବିରକ୍ତ ଅଛନ୍ତି ସେହିମାନଙ୍କୁ ଅନୁ-ରୋଧ ଯେ ଥରେ ବାତଜ୍ୱର ମାଦଲୀ ଧାରଣ-କରନ୍ତୁ ବିଜ୍ଞାପନର ବାହ୍ୟାଡମ୍ବର କରି ଜଣାଇ ପ୍ରୟୋଜନ ନୁହେଁ । ଗ୍ରାହକମାନେ ଥରେ ଧାରଣ କରି ପରୀକ୍ଷା କରନ୍ତୁ ।

ଏହି ମାଦଲୀର ମୂଲ୍ୟ ଏକ ଗୋଟାକୁ ଟ ୧ ।

ଏକତ୍ରେ ଏକ ଡଜନକୁ ଟ ୧୨

ପ୍ୟାକିଂ, ଡାକମହାସୁଲ ସ୍ୱତନ୍ତ୍ର ଦେବାକୁ ପଡିବ

ପ୍ରାପ୍ତିସ୍ଥାନ—ପି, କେ, ଏନ୍ ଦାସ

ଅସୁରେଶ୍ୱର ପୋ, ଅ,

କଟକ


ଯେହେତୁ କଟକ ଜିଲାର ଅନ୍ତର୍ଗତ ଯାଜପୁର ଓ ଧର୍ମଶାଳା ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୭ ମସିହା ଅପ୍ରେଲ ମାସ ତା ୧ ରଖଠାରୁ ସନ ୧୯୧୦ ମସିହା ମାର୍ଚ୍ଚମାସ ତା ୩୧ ରଖ ପର୍ଯ୍ୟନ୍ତ ଇଜାବନ୍ଦୋବସ୍ତ ନିମନ୍ତେ ସନ ୧୯୦୭ ମସିହା ମାର୍ଚ୍ଚମାସ ତା ୧୫ ରଖ । ମୁ । ସନ ୧୩୧୪ ସାଲ ଚୈତ୍ର ମାସ ଦି ୨ ନ ଶୁକ୍ରବାର ଦିବା ଘ ୧୧ ଘଣ୍ଟା ସମୟରେ ଯାଜପୁର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାର୍-ମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ୨ ଉପରଲେଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ-ଗ୍ରହୀତା ତତ୍କ୍ଷଣାତ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମ ଜରସମନର ଅର୍ଦ୍ଧେକାଂଶ ଜାମିନ ସ୍ୱରୂପ ଅବିଲମ୍ବେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତ ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଅର୍ଦ୍ଧେକାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ ଲୁଆଟରର ଖଜଣା ସେହି ଲୁଆଟରର ପ୍ରଥମ ତାରିଖରେ ଆଗାମୀ ଦେବାକୁ ହେବ । ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଜାମି-ନଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ଉପଯୁକ୍ତ ଷ୍ଟାମ୍ପ କାଗଜରେ ଚେୟାର-ମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ରୀତିମତେ କବୁଲିୟତ ଲେଖି ଦେଇ ରେଜେଷ୍ଟରୀ କରି-ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ଯାଜପୁର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା-ହେଲେ ତତ୍କ୍ଷଣାତ୍ ତାହାର ଡପାକଟ ଜବଦ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ପୁନ ବନ୍ଦୀ କରାଯିବ ।

ତପସିଲ ।

| | |
|---|---|
| ୧ ଅହିୟାସ | ୧୫ ଉଲୁଆ |
| ୨ ଅରଖପୁର | ୧୬ ଧନେଶ୍ୱର |
| ୩ ବାଲିଚନ୍ଦ୍ରପୁର | ୧୭ ଦର୍ପଣ ଗଡ଼ |
| ୪ ଚାନ୍ଦିଖୋଲ | ୧୮ ହାତବାଡ଼ି |
| ୫ ବରୁଆଁ | ୧୯ ନେକାପୁର |
| ୬ ବଲରାମପୁର | ୨୦ କଙ୍କରପୁର |
| ୭ ବଡ଼ ଗୋବିନ୍ଦପୁର | ୨୧ କାଇପଡ଼ା |
| ୮ ବାଞ୍ଛାରପୁର | ୨୨ ଖଣ୍ଡିତର |
| ୯ ବଡ଼ଚଣା | ୨୩ କୁରୁଡ଼ାଖାଲ |
| ୧୦ ବରରି | ୨୪ ମଲ୍ଲପୁର |
| ୧୧ ଦରଣ୍ଡି | ୨୫ ରୁଢ଼ିଆ |
| ୧୨ ବାହାଲପାଲ | ୨୬ ସିହାପୁର |
| ୧୩ ଜମ୍ବାଙ୍କର | ୨୭ ସୁଖନା |
| ୧୪ ଧର୍ମଶାଳା | |

Chairman.
Local Beard Jajpru

ବିଜ୍ଞାପନ ।

ଆମ୍ଭ ରାଜଗୀ କିଲା ପାରିକୁଦର ଦେଓ୍ୟାନ ମଧୁସୂଦନ ପଟ୍ଟନାୟକ ଓ ଗୋପୀନାଥ ସାମନ୍ତସିଂହାର ସିରସ୍ତାଦାର, ଦୀନବନ୍ଧୁ ପାଣ୍ଡିଆ ପଟ୍ଟନାୟକ, ଅଗାଧୁ ନାୟକ ପେସ୍କାର, କମଲଲୋଚନ ଦେବବର୍ମା ପଟ୍ଟନାୟକ ଏମାନେ ଆମ୍ଭ ତରଫରୁ ସମସ୍ତ ମକଦ୍-ଦମାମାନଙ୍କରେ କାର୍ଯ୍ୟ ଚଳାଇବା ନିମିତ୍ତ ଆମ୍ଭେ ସେମାନଙ୍କୁ ଆମମୋକ୍ତାରପତ୍ର ଅର୍ପଣ କରିଥିବା ପ୍ରଯୁକ୍ତ ସେମାନେ ଆମ୍ଭ ଆଦେଶାନୁସାରେ ସମସ୍ତ କାର୍ଯ୍ୟ ଚଳାଇଆସୁଥିଲେ କିନ୍ତୁ ସମ୍ପ୍ରତି ଉକ୍ତ ବ୍ୟକ୍ତି ମାନେ ଆମ୍ଭ ରକ୍ଷା ବନ୍ଦୋବସ୍ତ କର୍ଯ୍ୟ ଆରମ୍ଭ ହେବାରୁ ଆମ୍ଭ ଅଧୀନସ୍ଥ ବ୍ୟକ୍ତିମାନଙ୍କୁ ଓ ସାଧାରଣ ପ୍ରଜାମାନଙ୍କୁ ନାନା ପ୍ରକାର କୁପରାମର୍ଶ ଦେବାର ପ୍ରକାଶ ହେବାରୁ ଭବିଷ୍ୟତରେ ଆମ୍ଭର ବିଶେଷ କ୍ଷତିଜନକ କାର୍ଯ୍ୟ ଘଟିବା ସମ୍ଭବ ହେବା ଜାଣି ଆମ୍ଭେ ସେମାନଙ୍କୁ ଅର୍ପଣ କରିଥିବା କ୍ଷମତାପତ୍ର ନେଇକରି ସମସ୍ତ କର୍ଯ୍ୟରୁ ରହିତ କରାଇଲୁଁ ଅତଏବ ସେମାନେ ଆମ୍ଭ ତରଫରୁ କୌଣସି ମକଦ୍ଦମାରେ କୌଣସି କାର୍ଯ୍ୟ ଚଳାଇ ପାରିବେ ନାହିଁ ଯଦି ଉକ୍ତ ମତେ ଆପଣା ଆପଣା ଇଚ୍ଛାନୁ-କ୍ରମେ କୌଣସି ସ୍ଥଳେ ଆମ୍ଭ ତରଫରୁ କାର୍ଯ୍ୟ ଚଳାଇବାର ପ୍ରକାଶ ହେବ ତାହା ହେଲେ ସେମାନଙ୍କୁ ଆଇନାନୁସାରେ ଦଣ୍ଡନୀୟ କରାଇବାକୁ ସଚେଷ୍ଟ ହେବୁଁ । ଇତି ।

୨୩।୨।୦୭ } ରାଜାବାହାଦୁର—
ଗଡ଼ କୃଷ୍ଣପ୍ରସାଦ } ପାରିକୁଦ


# ମେଘଦୂତ ।

ଅନୁବାଦକ, କାଳିଦାସଙ୍କ କୃତ ମୂଳ ସଂସ୍କୃତ ଓ ତାହାର ଶ୍ଳୋକାର୍ଥ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ଟ ୦ ।୵

ଡାକମାସୁଲ ସହିତ ଟ ୦ ।୵୧ ।

Split by PDF Splitter

102



# ବିଜ୍ଞାପନ

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ସାଲେପୁର ଓ ବାଙ୍କି ଥାନା ମଧ୍ୟସ୍ଥିତ ସମସ୍ତ ହାଟିବାଟୁସ ( ପାଉଣ୍ଡ ) ସନ ୧୯୦୭ ମସିହା ଅପ୍ରେଲ ମାସ ତା ୧ ରିଖଠାରୁ ସନ ୧୯୧୦ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ୩ ବର୍ଷ—ମାସ ଜମାରେ ସନ ୧୯୦୭ ମସିହା ମାର୍ଚ୍ଚ ମାସ ତା ୧୧ ରିଖ । ମୁ । ସନ ୧୩୧୪ ସାଲ ଫାଲଗୁନ ମାସ ଦ ୨୮ ନ ଦବା ପ ୧୨ ଶା ସମୟରେ କଟକ ସଦର ଲୋକେଲ-ବୋର୍ଡ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୂରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମ-ଦ୍ୱାରା ଇଜାରା ବନ୍ଦୋବସ୍ତ ହୋଇବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ନକେ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଅଧିକ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜର ସମନନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କିସ୍ତିର ଖଜଣା ସେହି କିସ୍ତିର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଇଜାରାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିରୂପିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସାରମତେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରି ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉକି ହାଟିବାଟୁସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦଭିନ୍ନେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଜମାରୁ କବଜ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ପୁନି ଦୁରୀ କରାଯିବ । ନିଲାମ ଡାକିବା ବ୍ୟକ୍ତିମାନଙ୍କ ଚରିତ୍ର ଓ ସଙ୍ଗତିପନ୍ନତା ବିଷୟର ସାର୍ଟିଫିକେଟ କୌଣସି ଭଦ୍ର ମାନ୍ୟଗଣ୍ୟ ବ୍ୟକ୍ତିଙ୍କଠାରୁ ନେଇ ସଙ୍ଗରେ ଆଣିବାକୁ ହେବ ।

| ଥାନା କଟକ | ଥାନା ଜଗତସିଂହପୁର |
|---|---|
| ୧ । କଉଦାନ୍ତୀ | ୧ । ବାଲିଆ |
| ୨ । ଢେଲିଙ୍ଗାପେଣ୍ଠ | ୨ । ସଙ୍ଖାଢିସାହି |
| ୩ । ଲିଙ୍ଗରାଜରା | ୩ । ଗୋବନପୁର |
| ୪ । ବାଉଗା | ୪ । ଜଗତସିଂହପୁର |
| ୫ । ପାଥପୁର | ୫ । କସର୍ଦ୍ଦା |
| ୬ । ଟାଙ୍ଗି | ୬ । ଝରଲେ |
| ୭ । ବଦ୍ୟାଧରପୁର | ୭ । ନଥାଲି |
| ୮ । ତସାପଡ଼ା | ୮ । ମାଧବ |
| ଥାନା ବାଙ୍କି | ୯ । ହରିସପୁର |
| ୧ । ଚର୍ଚ୍ଚିକା | ୧୦ । ସୁଦୁଙ୍ଗି |
| ୨ । ଭୁଲସୀପୁର | ୧୧ । ରଘୁନାଥପୁର |
| ୩ । ପଥୁରିଆପଡ଼ା | ୧୨ । ବାଲିଭୁଦା |
| ୪ । କଲାପଥର | |
| ୫ । ବୈଦେଶ୍ୱର | ଥାନା ତର୍ଦ୍ଦୋଳ |
| ୬ । ସୁବର୍ଣ୍ଣପୁର | ୧ । ହୁଙ୍କୁଡ଼ି ଜୟପୁର |
| ୭ । ଗୋଲପୁର | ୨ । କନକପୁର |
| ୮ । ଭଟିପୁର | ୩ । ନୟାପାଟଣା |
| | ୪ । ପଦ୍ମପାଲ |
| | ୫ । ଅନନ୍ତପୁର |

ଥାନା ସାଲେପୁର ।

| | |
|---|---|
| ୧ । ପଦ୍ମପୁର | ୨ । ସାଲେପୁର |
| ୩ । ଜଗନ୍ନାଥପୁର | ୪ । ମୌଦା |
| ୫ । ଭୁବଣ୍ଡା ନରପୁର | ୬ । ଖଣ୍ଡୋଲ |
| ୭ । ଅମ୍ବରେଶ୍ୱର | ୮ । ସାନ୍ଦସପୁର |
| ୯ । ନରସପୁର | ୧୦ । କଟେନ୍ଦ୍ରପୁର |
| ୧୧ । କପିଲେଶ୍ୱରପୁର | ୧୨ । ଗୌଡ଼ଗୋପ |

S. L. Board } M, Das
20-2-07 } Vice-Chairman

## ବଞ୍ଚନ୍ତ ! ! !

**ଶ୍ରୀ ରାଧାକୃଷ୍ଣ ବିଲାସ ପ୍ରୋଭିଡେଣ୍ଟ କୋମ୍ପାନୀ, ଲିମିଟେଡ଼ ହେଡ଼ ଅଫିସ ପୋଷ୍ଟ ବ୍ରାଞ୍ଚ ମଙ୍ଗଳାବାଗ କଟକ ।**

ଏହି କମ୍ପାନୀ ଯୁରୋପୀୟ ହେଟେଲ ଭଦ୍ର ଓ ଧନୀ-ବ୍ୟକ୍ତିମାନଙ୍କ ସାହାଯ୍ୟରେ ପ୍ରଥମ ବର୍ଷରେ ସ୍ଥାପିତ ହୋଇ ୫ ୧୦୦୦୦୧ ଟା ( ଦଶହଜାର ଟଙ୍କା ) ମୂଳଧନରେ ରେଜେଷ୍ଟ୍ରୀ କରାହୋଇ ମଙ୍ଗଳାପୁର ଶ୍ରୀ ସାରସ୍ୱତ ପ୍ରେସଙ୍କ ସନ ୧୩୮୨ ସାଲର ନ ୭ ନମ୍ବର ଓ ସଭ ୧୯୫୫ ସାଲର ନ ୧୨ ନମ୍ବର ଉଣ୍ଡିଅନ କୋମ୍ପାନୀ ଅଇନାନୁସାରେ ଉତ୍ତମ ମାନ ସୁବନ୍ଦୋବସ୍ତ ଚଳାଯାଉଅଛି । ଏହି କମ୍ପାନୀରେ ଭାରତବର୍ଷ, ବ୍ରହ୍ମଦେଶ ଓ ସିଂହଳ ବାସୀ ପ୍ରତ୍ୟେକ ସ୍ତ୍ରୀ ପୁରୁଷ, ବାଳକ ଓ ବାଳିକାମାନେ ନାତିମତ ବୟସ ନିର୍ଣ୍ଣୟ ନ ଥାଇ, ଅଦଗ୍ରାହ୍ୟ ସାର୍ଟିଫିକେଟ ଦାଖଲ ନ କରି ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ମେମ୍ବର ହୋଇପାରନ୍ତି । ପ୍ରଥମଶ୍ରେଣୀ ବ୍ୟକ୍ତି ପ୍ରଥମ ମାସରେ ୯ ୨୧ଙ୍କା ଦୁଇଟଙ୍କା ଓ ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ପ୍ରଥମ ମାସରେ ୯ ୧୮ ( ଏକଟଙ୍କା ଅଠଅଣା ମାତ୍ର ) ଓ ତହୁଁ ପରମାସମାନଙ୍କରେ ୯ ୧ ୧ଙ୍କା ( ଏକଟଙ୍କା ) ଓ ୯ ୦୮ ( ଅଠଅଣା ଲେଖାଏ ) ଏହିପରି ଦଶବର୍ଷ ପର୍ଯ୍ୟନ୍ତ ଚାନ୍ଦା ପ୍ରଦାନ କରିବାକୁ ହେବ । ପ୍ରଥମ ଶ୍ରେଣୀମାସର ଟଙ୍କା ପ୍ରବେଶ ଦେୟ ସ୍ୱରୂପ ଓ ମଧ୍ୟ ୧୨ ଶ୍ରେଣୀମାସ ଅର୍ଥାତ୍ ଚରଣାସ୍ତ୍ର ତାରଖଠାରୁ ୧୨୦ ମଧ୍ୟରେ ମୃତ ହେଲେ ଉତ୍ତରାଧିକାରୀମାନେ କିଛି ପାଇବେ ନାହିଁ ଓ ପଞ୍ଚମମାସଠାରୁ ଚାନ୍ଦା ସ୍ୱରୂପ ସ୍ଥଗିତ ହେବ । ଦଶବର୍ଷ ସମ୍ପୂର୍ଣ୍ଣ ଚାନ୍ଦା ପ୍ରଦାନ କରିବା ଦରଖାସ୍ତକାରମାନଙ୍କ ଉତ୍ତରାଧିକାରୀମାନଙ୍କୁ ଏ ଚାନ୍ଦା ପ୍ରଦାନ କରି ମୃତ ହେଲେ ଦରଖାସ୍ତକାରମାନଙ୍କ ଉତ୍ତରାଧିକାରୀମାନଙ୍କ ସେମାନେ ପ୍ରଦାନ କରିଥିବା ସମସ୍ତ ଦେୟ ବାଦ, ଚାନ୍ଦା ଟଙ୍କାରେ ଟଙ୍କାକୁ ପାଞ୍ଚଟଙ୍କା ଲେଖାଏ ଅନଧିକ ଟଙ୍କା ଦଣ୍ଡ ଦିଆ ଓ ମଧ୍ୟ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ଚାନ୍ଦାପ୍ରଦାନକାରୀମାନଙ୍କୁ ସେହି ବର୍ଷ ଲାଭର ଏକ ଅଂଶ ବୋନସରୁ ଦିଆଯିବ ।

ଏହିପରି କୋମ୍ପାନୀ ଓଡ଼ିଶାରେ ଆଜପର୍ଯ୍ୟନ୍ତ ନ ଥିଲା । ପ୍ରତ୍ୟେକ ଓଡ଼ିଶାବାସୀ ଏଥିରେ ସାହାଯ୍ୟ ପ୍ରଦାନ କରିବା ଅବଶ୍ୟକ । ପ୍ରତ୍ୟେକ ସ୍ଥାନରେ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏହି କମ୍ପାନୀର ଏଜେଣ୍ଟ ହୋଇବାର, ଯେଉଁମାନେ ଏହି କୋମ୍ପାନୀର ଏଜେଣ୍ଟ କାର୍ଯ୍ୟ ଅର୍ଥାତ୍ ମେମ୍ବର ଯୋଗାଇବେ ସେମାନଙ୍କୁ କୋମ୍ପାନୀ ନିୟମ ଅନୁସାରେ ଉଚିତ କମିଶନ ଦିଆଯିବ ଏବଂ ସେଉମାନେ ନ ୫୦ ଣ ପର୍ଯ୍ୟନ୍ତ ମେମ୍ବର ଯୋଗାଇ ପାରିବେ ସେମାନଙ୍କୁ କମିଶନ ବାଦ ନ ୩ ଟି ଗାଡ଼େଣ୍ଡି ଥିବା ଗୋଟିଏ ସୁନ୍ଦର ଓୟାଚ ଦେବ ସହିତ ଓ ମଧ୍ୟ ନ ୧୦୦ ଣ ମେମ୍ବର ଯୋଗାଇଲେ କମିଶନ ବାଦ ଶାଳ ସ୍ୱନାମ ସହ ପଥର ଗୋଟିଏ ଥାଳ ଅଥବା ନିଜର ନାମ ଖୋଦାଇ ମୂଲ୍ୟ ଗୋଟିଏ ପୁରସ୍କାର ଦିଆଯିବ । ଯେଉଁମାନେ କୋମ୍ପାନୀର ବିଶେଷ ବିବରଣ ଜାଣିବାକୁ ଇଚ୍ଛା କରନ୍ତି ସେମାନେ କୋମ୍ପାନୀର ଦୁଇପଇସା ଡାକଟିକଟ ଦେଇ ପତ୍ର ଲେଖିଲେ କୋମ୍ପାନୀର ପ୍ରୋସ୍ପେକ୍ଟସ କାଗଜପତ୍ର ଅତି ଶୀଘ୍ର ପାଇ ପାରିବେ ।

କଟକ } ଶ୍ରୀ ବୈଦ୍ୟନାଥ ମିଶ୍ର
ମ୍ୟାନେଜର
୯।୩।୧୯୦୭ } ଶ୍ରୀ ରାଧାକୃଷ୍ଣବିଲାସ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ଼ ହେଡଅଫିସ କଟକ

Digitized by srujanika@gmail.com

# NOTICE



IF YOUR EYE SIGHT IS DEFECTIVE
OR
IF YOUR PRESENT GLASSES ARE UNSATISFACTORY.

CONSULT
WILLIAM PIRES E. M. B. O. A.
Eye sight specialist
OF
James Murray & Co.

Pebble Spectacles from Rs 5
Crystal from Rs 3

Consultation free

At 25 Cantonment Road
Near the Union Club
CUTTACK

Agent for
JAMES MURRAY & Co's
Celebrated Watch & Clocks


# ଉତ୍କଳ ଦୀପିକା ।

ପଞ୍ଚାମୁଣ୍ଡେର ନାଲର ନ ୫ ମ୍ବର ଶାଖା କେନେଲ୍ର ସରକାଷ୍ଟ ବ୍ୟୟରେ ୫୬୦ ଫିଟ ଲମ୍ବା ଓ ୧୯ ଫିଟ ଓସାର ଜମି ଖରିଦ ହେବାର ବିଜ୍ଞାପନ ବାହାରିଅଛି । ଏହି ଜମି । ପ୍ର । ମାଭିକଭନଗର । ମୌ । ଗଙ୍ଗାଧରରେ ଅବସ୍ଥିତ ।

ଆସନ୍ତା ତା ୧୫ ରିଖ ଶୁକ୍ରବାର ଦିବା ଘ୬ଣ୍ଟା ବେଳେ ବାଲେଶ୍ୱରର କୃଷି ଓ ଶିଳ୍ପ ପ୍ରଦର୍ଶନୀର ଉଦ୍‌ଘାଟନ କ୍ରିୟା ହେବ । ଦର୍ଶନାଭିଳାଷି ବ୍ୟକ୍ତିମାନେ ଦ୍ୱାରଦେଶରେ ଟିକଟ କିଣି ପ୍ରବେଶ କରିପାରିବେ । ଟିକଟର ମୂଲ୍ୟ ଟ ୧, ୫, ।, ରେ ଧାର୍ଯ୍ୟ ହୋଇଅଛି ।

ଗତ ତା ୧୬ ରିଖଠାରୁ ତା୨୧ ରିଖ ମଧ୍ୟରେ ବ୍ରହ୍ମା, ପୂର୍ବବଙ୍ଗ ଓ ଆସାମ, ଓଡ଼ିଶା, ଯୁକ୍ତପ୍ରଦେଶ, ମଧ୍ୟପ୍ରଦେଶ, ମଧ୍ୟଭାରତ ଏବଂ ଉତ୍ତରପଶ୍ଚିମପ୍ରଦେଶ ସମୂହରେ ଏବଂ କଥାରେ ଭାରତର ଉତ୍ତରପଶ୍ଚିମ ଓ ପୂର୍ବଭାଗ ବୃହତ୍‌ଖଣ୍ଡରେ ବୃଷ୍ଟି ହୋଇଥିଲା । ଏକ୨ ସ୍ଥାନରେ ଏକ ଇଞ୍ଚ ବା ୧୪ ଇଞ୍ଚ ଜଳ ପଡ଼ିଥିଲା ।

ଗତ ତା ୧୬ ରିଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୬୮।୭୦ ରୁ ୭୨୩୮୪ କୁ ବଢ଼ିଥିଲା । ବୃଦ୍ଧିଟା ଅଧିକାଂଶ ବଙ୍ଗପ୍ରଦେଶରେ ଘଟିଥିଲା ।

ଗତ ତା ୧୬ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପେଲେଗ ରୋଗରେ ମୃତ୍ୟୁ ୨୦୭୦୬ ରୁ ୨୩୪୧୧ କୁ ଉଠିଥିଲା । ତହିଁ ମଧ୍ୟରୁ ଏକା ପଞ୍ଜାବ ପ୍ରଦେଶରେ ମୃତ୍ୟୁ ପ୍ରାୟ ଅଟେ ବା ୯୪୧୦, ଯୁକ୍ତପ୍ରଦେଶରେ ମୃତ୍ୟୁ ୬୫୭୫ ବମ୍ବାଇର ୨୪୭୩ ବଙ୍ଗର ୨୦୬୪ ଏବଂ ମଧ୍ୟପ୍ରଦେଶର ୧୬୭୭ ଥିଲା । ଏଥିରୁ ଦେଖାଯାଏ ଯେ ପ୍ରଥମ ଲକ୍ଷିତ ଦୁଇ ସ୍ଥାନରେ ରୋଗର ପ୍ରକୋପ ଅଧିକ ଥିଲା ।

ଗତ ଶୁକ୍ରବାର ଏ ନଗରରେ ସ୍ଥାପିତ ଶ୍ରୀମତୀ ରେବା ରାୟଙ୍କର ବାଳିକାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସଭା ଯଥା ସମାରୋହରେ ହୋଇଥିଲା । ଶ୍ରୀଯୁକ୍ତ ଗ୍ରିମ୍ସ୍ଲି ସାହେବ କମିଶ୍ନର ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଶ୍ରୀମତୀ ଗ୍ରିମ୍ସ୍ଲି ପୁରସ୍କାର ବିତରଣ କରିଥିଲେ । ବିସ୍ତାରିତ ବିବରଣ ବାସ୍ତୁରେ ପ୍ରକାଶିତ ହେବ ।

ନିର୍ବୋଧ ଗ୍ରାମସ୍ଥମାନଙ୍କ କଥାରେ ନିର୍ଭର କରି ଗତ ଗୁରୁବାର ଦୋଳପୂର୍ଣ୍ଣିମା ଯାତ୍ରା ଦେଖିବା ଅଶାରେ ୧୫।୨୦ ହଜାର ଯାତ୍ରୀ ପୁରୀକୁ ଆସିଥିଲେ । ଯାତ୍ରା ମାସେ ପିଛୁଇବାର ଶୁଣି ବଡ଼ ବ୍ୟସ୍ତ ହେଲେ । ପଣ୍ଡାଘରମାନ ମରାମତି ଓ ପ୍ରସ୍ତୁତ ନ ଥିବା ହେତୁ ବହୁ କଷ୍ଟ ହୋଇଥିଲା । ଗ୍ରାମସ୍ଥମାନଙ୍କୁ ସତର୍କ କରିବା ପଣ୍ଡାମାନଙ୍କର ଉଚିତ ଥିଲା । ବଙ୍ଗଳା ହିନ୍ଦୀ ପ୍ରଧାନ୨ ସମ୍ବାଦପତ୍ର ସକଳରେ ବିଜ୍ଞାପନ ଦେବାର ମଧ୍ୟ ଉଚିତ ଥିଲା ।

ବଙ୍ଗପ୍ରଦେଶର ଏକାଉଣ୍ଟାଣ୍ଟ ଜେନେରେଲଙ୍କ ନିକଟରେ ଗତ ଡିସେମ୍ବର ମାସ ଶେଷରେ ବ୍ୟକ୍ତି ବିଶେଷ ନାମରେ ଯେତେ ଟଙ୍କା ଜମା ଥିଲା ତହିଁର ବିସ୍ତାରିତ ତାଲିକା ଗତ କଲିକତା ଗେଜେଟରେ ବାହାରିଅଛି । ତହିଁରେ ଦେଖିଲୁଁ ଯେ ସମ୍ବଲପୁର ଜିଲ୍ଲାର ବଣାଇର ନାବାଳଗ ରାଜାଙ୍କ ନାମରେ ଦଶହଜାର ଟଙ୍କା ଏବଂ ମହନ୍ତ ପାଟନାର ନାବାଲଗ ଜମିଦାରଙ୍କ ନାମରେ ଟ ୨୫୦୦୦ ଟଙ୍କା ସାଢ଼େ ତିନିଟଙ୍କିଆ ସୁଧର ପ୍ରମିସରୀ ନୋଟରେ ଜମା ଅଛି ।

ପଣ୍ଡିତ ଗୋବିନ୍ଦ ରଥଙ୍କ ନାମରେ ଆଉ ଏକ ଧା ୫୦୬ ର ଅପରାଧର ମାମଲା ଉପସ୍ଥିତ ହୋଇଅଛି । ଗତ ନଭେମ୍ବର ମାସରେ ତାହାଙ୍କର ବସାରୁ ଏକ ହଜାର ଟଙ୍କାର କରେନ୍ସି ନୋଟ ଓ ନଗଦ ମେସ୍ ଯାଇଥିବା ଓ ପୁଲିସ ତହିଁର ଅନୁସନ୍ଧାନ କରୁଥିବାର ଏ ପତ୍ରିକାରେ ପ୍ରକାଶ ହୋଇଥିଲା । ସେହି ଚୋରି ମିଥ୍ୟା ଥିବାର ପୁଲିସ ରିପୋର୍ଟ ଦେବାରୁ ତହିଁର ବିପରୀତ ଅର୍ଥାତ୍ ପ୍ରକୃତ ଚୋରି ହୋଇଥିବାର ପ୍ରମାଣ ଦେବା କାରଣ ରଥଙ୍କ ନାମରେ ମାଜିଷ୍ଟ୍ରେଟ ନୋଟିସ ଜାରୀ କରିଅଛନ୍ତି ।

କୌଣସି ପତ୍ରିକାରେ ପ୍ରକାଶିତ ପ୍ରବନ୍ଧର ପ୍ରତିବାଦ ସେହି ପତ୍ରିକାରେ ପ୍ରକାଶିତ ହେବା ଉଚିତ ବୋଲି 'ମନୋରମା' ଲେଖିଅଛନ୍ତି ଏବଂ ଅନ୍ୟାନ୍ୟ ସମ୍ପାଦକଙ୍କର ମତ ଲୋଡ଼ିଅଛନ୍ତି । ଆମ୍ଭେମାନେ ବୋଧ କରୁଁ ଏ ବିଷୟରେ ଭିନ୍ନମତର କଥା ନାହିଁ ଏବଂ ଅଧିକାଂଶ ସମ୍ପାଦକ ପ୍ରାୟ ଏହି ନୀତି ଅବଲମ୍ବନ କରନ୍ତି । ସକଳ ସମୟରେ ଏହା ହେବା ବାଞ୍ଛନୀୟ । କେବଳ ଯେ ସ୍ଥଳେ କୌଣସି ସମ୍ପାଦକ ନିଜ ପ୍ରବନ୍ଧ ବା ପ୍ରେରିତପତ୍ରର ପ୍ରତିବାଦ ପ୍ରକାଶ କରିବାକୁ ନାସ୍ତି କରନ୍ତି ସେ ସ୍ଥଳେ ଅନ୍ୟ ପତ୍ରିକାକୁ ପଠାଇଲେ ସେ ଯେବେ ପ୍ରକାଶର ଯୋଗ୍ୟ ବିବେଚନା କରନ୍ତି ତେବେ ତାହା କରିପାରନ୍ତି ।

Digitized by srujanika@gmail.com

Split by PDF Splitter



ଗତ ଫେବୃୟାରି ମାସ ତା ୧୪ ରିଖରେ ନେପାଳର ରାଜକୁମାର ଓ ମନ୍ତ୍ରୀ କଲିକତାସ୍ଥ ସ୍ୱଦେଶୀ ଶିଳ୍ପ ମହାମେଳା ସନ୍ଦର୍ଶନ କରିବାକୁ ଯାଇ କଲିକତାର ଅନ୍ଧ ବିଦ୍ୟାଳୟର ଅନ୍ଧ ବାଳକମାନଙ୍କ କାର୍ଯ୍ୟ ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ସେଠାରେ ଟଙ୍କା ରଖିବାରେ ଥିବା ବାକ୍ସରେ ଅଳ୍ପ ସଂସ୍ଥା ଫାଣ୍ଡରେ ଦାନ କଲେ । ପରେ ଟଙ୍କା ଗଣିବାରେ ଟ ୬୨୫ ଙ୍କା ହେଲା । ବିଦ୍ୟାଳୟର ଅଧ୍ୟକ୍ଷ ଏହି ଦାନ ନିମିତ୍ତ ଦାତାମାନଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ପ୍ରକାଶ କରନ୍ତେ ଦାତାମାନେ କହିଲେ ଯେ ସେ ଟଙ୍କା ପାଇ ସନ୍ତୁଷ୍ଟ ହୋଇ ପାରନ୍ତି ମାତ୍ର ସେମାନଙ୍କର ପକେଟ ଖାଲି ହେବାରେ ସେମାନେ ଭଲ ମନ ଦୁଃଖିତ ହୋଇ ନାହାନ୍ତି । ଏବେବେଦକ ମଞ୍ଜୁଷା ହେଲେ ରାଜାଙ୍କର ଦୃଷ୍ଟାନ୍ତ ହେବ ସନ୍ଦେହ ନାହିଁ ।

---

ଆର୍ଯ୍ୟସମାଜ ନାମକ ଧର୍ମସମାଜର ସ୍ଥାପନକାରୀ ଏବଂ ସଭାପତି କର୍ଣ୍ଣେଲ ଆଲକଟ୍ ସାହେବ ଗତ ତା ୧୭ ରିଖରେ ଏ ସଂସାରରୁ ବିଦାୟ ହୋଇଗଲେ । ତାହାଙ୍କର ବୟସ ପ୍ରାୟ ୭୫ ବର୍ଷ ହୋଇଥିଲା । ସେ ଆମେରିକାରେ ଜନ୍ମଗ୍ରହଣ ଓ ଶିକ୍ଷା କରି ପ୍ରଥମେ କୃଷିକାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ଏବଂ କ୍ରମେ ନିଜର ପ୍ରତିଭା ଓ ବିଦ୍ୟାବୁଦ୍ଧି ବଳରେ ସୈନିକ ସମ୍ମାନ ଲାଭକରି ଶେଷରେ ଧର୍ମସମାଜ ସ୍ଥାପନକର ଭାରତକୁ ଆସି ମାନ୍ଦ୍ରାଜରେ ଅବସ୍ଥାନ କରୁଥିଲେ । ତାହାଙ୍କର ଉଚ୍ଚଗୁଣ ନିମନ୍ତେ ନାନା ଧର୍ମାବଲମ୍ବୀମାନେ ତାହାଙ୍କୁ ସାଧୁପୁରୁଷବୋଲି ମାନୁଥିଲେ ଏବଂ ତାହାଙ୍କର ଶିକ୍ଷା ଦାନ ସମ୍ପର୍କରେ ନାନାଧର୍ମର ଅନେକ ଭଦ୍ରଲୋକ ତାହାଙ୍କର ପଶ୍ଚାଦ୍ଗାମୀ ହୋଇଥିଲେ । ସ୍ୱଭାବତଃ ଶ୍ରୀମତୀ ଆନିବେସାନ୍ତ ତାହାଙ୍କର ସ୍ଥଳାଭିଷିକ୍ତ ହୋଇଅଛନ୍ତି ।

---

ମେଦିନୀପୁରରେ ପ୍ରକାଶ ଯେ ଝାଡ଼ଗ୍ରାମ ବା ମଲ୍ଲଭୂମି ଜମିଦାରୀର ଅଧିପତି ଶ୍ରୀ ରାଜା ଚନ୍ଦ୍ରନାଥ ନାରାୟଣ ମଲ୍ଲ ଉଗାଲଷଣ୍ଡ ଦେବ ଏଡ଼େ ବଡ଼ ରାଜ୍ୟର ରାଜା ହୋଇ ଭୟଙ୍କର ଋଣଜାଲରେ ନିପତିତ ହୋଇ ମହା ବିପଦରେ ପଡ଼ିଅଛନ୍ତି । ଏହାଙ୍କର ଜମିଦାରୀର ଆୟ ବାର୍ଷିକ ପ୍ରାୟ ୫୦ ହଜାର ଟଙ୍କା ଏବଂ ସରକାରୀ ମାଲଗୁଜାରୀ ଟ ୭୦୦୯ ଙ୍କା । ଯାହାଙ୍କର ଏତେ ଆୟ ସେ ଋଣଗ୍ରସ୍ତ ହେବା ଅଦ୍ଭୁତ ଓ ଅପରିଣାମ ଦର୍ଶିତାର ଫଳ କିନା ଆଉ କ'ଣ ବୋଲାଯିବ ? ବର୍ତ୍ତମାନ ତାହାଙ୍କର ଋଣ ପାଞ୍ଚଲକ୍ଷଟଙ୍କାରୁ ଅଧିକ ହୋଇ ଉଠିଥିବ ଶୁଣିଲୁ । ତାହାଙ୍କର ଏପରି ଅବସ୍ଥା ଦେଖି ସ୍ୱଜାତିର ମଙ୍ଗଳାକାଂକ୍ଷୀ ହେବେଳେଣ ଏହି ମାନ୍ୟଙ୍କୁ କୋର୍ଟଅଫୱାର୍ଡ୍ସ ଅଧୀନରେ ନେବାପାଇଁ ସରକାରଙ୍କୁ ଆବେଦନ କରିବାର ଚେଷ୍ଟା କରୁଅଛନ୍ତି ।

---

ପାର୍ଲିଆମେଣ୍ଟ ଫିଟିବାବେଳେ ଭାରତ ସମ୍ବନ୍ଧରେ ସମ୍ରାଟଙ୍କ ଶ୍ରୀମୁଖରୁ ଯେଉଁ କଥା ବାହାରିଥିଲା ତହିଁର ତର୍କ ବିତର୍କ ସମୟରେ ଆମ୍ଭମାନଙ୍କର ଭୂତପୂର୍ବ ବଡ଼ଲାଟ ଲର୍ଡ଼ ଲାନ୍ସଡାଉନ ମହାଶୟ ସମ୍ରାଟଙ୍କର ଏହି ଉକ୍ତିରେ ଅତ୍ୟନ୍ତ ବିରକ୍ତ ହୋଇ କହିଲେ ଯେ ଭାରତର ଶାସନ କାର୍ଯ୍ୟ ସୁନ୍ଦରରୂପେ ଚାଲୁଅଛି ଏବଂ ଭାରତ ସମୃଦ୍ଧିଶାଳୀ ହୋଇଥିବା ଓ ସେଠା ଲୋକେ ନୀରବରେ ଶାସନକାର୍ଯ୍ୟ ମାନି ରହୁଥିବାରୁ କୌଣସି ପରିବର୍ତ୍ତନ ଅନାବଶ୍ୟକୀୟ ଅଟେ । ଏଥିରୁ ଆମ୍ଭମାନଙ୍କ ଅତୀବ ଶ୍ରଦ୍ଧାସ୍ପଦ ଭୂତପୂର୍ବ ବଡ଼ଲାଟ ଲର୍ଡ଼ ରିପନ ମହୋଦୟ ତାଙ୍କ ଅଭିମତରେ ଆପତ୍ତି ଦେଇ କହିଲେ ଯେ ଭାରତବର୍ଷରେ ଶିକ୍ଷିତ ଲୋକଙ୍କର ସଂଖ୍ୟା ଅଧିକ ହୋଇଥିବା ସ୍ଥଳେ ସେମାନେ ରାଜନୀତିର ମୂଳ ଯଥାସାଧ୍ୟ ପୂର୍ବକ ଶାସନ କାର୍ଯ୍ୟରେ ସମର୍ଥନରୂପେ ପ୍ରବେଶ କରିବା ଲାଗି ଯେଉଁ ସ୍ୱାଭାବିକ ଆକାଂକ୍ଷା ପ୍ରକାଶ କରୁଅଛନ୍ତି ତାହାକୁ ଅବହେଳା କରାଯାଇ ନ ପାରେ ଏବଂ ଭାରତରେ ଯେଉଁ ଅସନ୍ତୋଷର ଆବିର୍ଭାବ ହୋଇଅଛି ତାହା ଦୂରୀକରଣ କରିବା ସମସ୍ତ ରାଜନୀତିଜ୍ଞ ଲୋକଙ୍କ ଉଚିତ ହେଉଅଛି । ଭାରତ ସଚିବ ମର୍ଲି ସାହେବଙ୍କର ରାଜନୀତିର ଗତି ପରିବର୍ତ୍ତନ କରିବା ସମ୍ବନ୍ଧୀୟ ଗତ ବର୍ଷର ଉକ୍ତି ପ୍ରତିପାଳନ କରିବା ସମ୍ରାଟଙ୍କର ଅଭିପ୍ରାୟ ଅଟେ ଏବଂ ଭାରତର ବର୍ତ୍ତମାନ ବଡ଼ଲାଟ ମହୋଦୟଙ୍କଠାରୁ ଏ ସମ୍ବନ୍ଧରେ ମତାମତ ଜାଣିବା ମାତ୍ର ଶେଷ ଭାଗକୁ ପଦକ୍ଷେପ କରିଲେ ତହିଁରୁ ସଭ୍ୟମାନେ ତାହା ଅବଗତ ହୋଇ ପାରିବେ । ସମ୍ରାଟ ମହୋଦୟଙ୍କର ଭାରତବାସିଙ୍କ ଆକାଂକ୍ଷା ପୂର୍ଣ୍ଣ କରିବାର ଇଚ୍ଛା ହେବାରୁ ଆମ୍ଭେମାନେ ବାସ୍ତବରେ କୃତଜ୍ଞ ହୋଇଅଛୁଁ । ଏବଂ ତାହା ଶୀଘ୍ର କାର୍ଯ୍ୟରେ ପରିଣତ କରିବ କାରଣ ଆମ୍ଭମାନଙ୍କର ଷ୍ଟେଟ ସେକ୍ରେଟେରୀ ଓ ବଡ଼ଲାଟ ମହୋଦୟମାନେ ଯାହା କଲେ ଅତ୍ୟନ୍ତ ସୁଖର କଥା ହେବ ।

---

ପଣ୍ଡିତ ଗୋବିନ୍ଦ ରଥ ଓ ବାଲମୁକୁନ୍ଦ କାନଗୋଇଙ୍କ ମାମଲା ପ୍ରସଙ୍ଗରେ 'ଷ୍ଟାରଅବ ଉତ୍କଳ' ଲେଖିଅଛନ୍ତି କି ପୁରୁଣା ସମ୍ପାଦକମାନେ ମୋକଦ୍ଦମା ବିଚାରାଧୀନଥିବା କାଳରେ ସମାଲୋଚନା କରିବାକୁ ଦ୍ୱିଧା କରୁ ନାହାନ୍ତି । କେଉଁ ପତ୍ରିକାର କେଉଁ ଉକ୍ତି ସମ୍ବନ୍ଧରେ ସହଯୋଗୀ ଏ ମନ୍ତବ୍ୟ ଲେଖିଅଛନ୍ତି ତାହା ଦେଖାଇ ନ ଦେଲେ ଆମ୍ଭେମାନେ ଅବଗତ କରିବୁଁ କେଉଁ ପ୍ରକାରେ ଜାନା କରିବା ଯାହାଙ୍କର ସ୍ୱଜାତିପ୍ରିୟ ଓ ସେ ପ୍ରକୃତି ସେ କେବେ ଛାଡ଼ିବେ ନାହିଁ । ମାମଲା ଅଦ୍ୟାପି ବିଚାରାଧୀନ ରହିଅଛି ଏବଂ ତହିଁର ଯେଉଁ କାଣ୍ଡ ଶେଷ ହେବାର ସହଯୋଗୀ କହନ୍ତି ତହିଁର କାର୍ଯ୍ୟାବଳି ବା ନଥିପତ୍ର ଜନସମାଜରେ ଅବଶ୍ୟ ପ୍ରକାଶିତ ହୋଇ ନାହିଁ । ସହଯୋଗିଙ୍କର ଘଟଣାବଳୀ ମହକୁମାର କାଗଜ ଦେଖିବାର ଅଧିକ ସୁବିଧା ଥିବାର ଜଣାଅଛି ଏବଂ ହାକିମଙ୍କ ପ୍ରତି ବିଶେଷ ସହାନୁଭୂତିର ଯଥେଷ୍ଟ ହେତୁ ଅଛି । ସେ ହେତୁ ହାକିମଙ୍କ ସକାଶେ ଯେତେ ବ୍ୟସ୍ତ ହୋଇ ପାରନ୍ତି ତହିଁରେ କାହାର ଆପତ୍ତି ନାହିଁ । ମାତ୍ର ସମ୍ପାଦକ ସ୍ୱରୂପ ତାହାଙ୍କର ମଧ୍ୟ ଗୁରୁତର ଦାୟିତ୍ୱ ଅଛି । ସେ ଯେତେବେଳେ ବିଚାର କର୍ତ୍ତା ମାଜିଷ୍ଟ୍ରେଟ ଟଙ୍କଲ ନଥିପତ୍ରର ମର୍ମ ପ୍ରକାଶ କରି ସେତେବେଳେ ସମାଲୋଚନା କରିଥାଆନ୍ତି ତେବେ କାହାରି କିଛି କହିବାର ନ ଥିଲା । ମାତ୍ର ସେ ଯେପରି ଏକ ପକ୍ଷ ଧରି କେତେକ କହିଅଛନ୍ତି ତହିଁରୁ ବୁଝା ଯାଉଅଛି ଯେ ନଥିପତ୍ରକୁ ବଦଳାଇ ଅଛନ୍ତି । ଏହା ଦୋଷ ନୁହେ କି ? ପରର ଦୋଷ ଦେଖାଇବେଳେ ଯେ ନିଜର ଦୋଷ ଦେଖି ନ ପାରେ ସେ କିପରି ଉପାୟ ! ପରିଶେଷରେ ସହଯୋଗୀ ଲେଖିଅଛନ୍ତି କି "ଅନେକ ବନ୍ଦୋବସ୍ତର ଲୋକ ଗୋବିନ୍ଦରଥଙ୍କୁ ମଜାଇଦେଲେ ମାତ୍ର ଏ ନଗରବାସିଙ୍କର ସାଧାରଣ ସାହସ ଏପରି ଯେ ଟ ୩୦୦ ଙ୍କାର ଯାମିନ ଅଭାବରେ ସେ ହାଜତକୁ ଗଲେ" । ଅନେକ ଭଦ୍ରଲୋକ ମଜାଇବାର କି ପ୍ରମାଣ ସହଯୋଗୀ ପାଇଅଛନ୍ତି ପ୍ରକାଶ କରିବେ କି ? ଯେଉଁ ଭଦ୍ରଲୋକମାନେ ମିଥ୍ୟା ଉତ୍ତେଜନାରେ ଜଣେ ଲୋକକୁ କୁଡ଼ାଇ ଦେଉଅଛନ୍ତି ସେମାନଙ୍କୁ ଧରାଇଦେବା କି ଚିହ୍ନାଇ ଦେବା ସୁପୁରୁଷର କାର୍ଯ୍ୟ, ଗୋପନରେ ଭଦ୍ରଲୋକଙ୍କୁ ଦୂଷି ମାରିବା ଠାରୁ ଅଧିକ କାପୁରୁଷତା କି ହୋଇପାରେ । ରଥେ ହାଜତ ଗଲେ ବୋଲି ଅନ୍ୟ ଲୋକଙ୍କର ଦୋଷ ଦେଖାଇଦେଲେ ମାତ୍ର ଜାମିନ ବଦଳରେ ସେଛଦ୍ଦନ ନଗଦ ଟଙ୍କା ଜମା ନ ହୋଇଥିଲା କାହିଁ କି ସେ ସମ୍ବନ୍ଧରେ ପଦେ ସୁଦ୍ଧା କହିଲେ ନାହିଁ । ଧନ୍ୟ ତାହାଙ୍କର ବୁଦ୍ଧି ଓ ବିଚାର ଓ ଧନ୍ୟ ସେ ପାଠକବର୍ଗ ଯେଉଁମାନେ ଏପରି ଲେଖାର ପ୍ରଶଂସା ଦିଅନ୍ତି ।

---

ସଦସ୍ୟ ନିର୍ବାଚନ ବ୍ୟାପାର ।

ବାଲେଶ୍ୱର ମିଉନିସିପାଲିଟିର ପ୍ରତିନିଧିଙ୍କର ଅଳ୍ପସଂଖ୍ୟକ ମତ ପ୍ରଦାନହେତୁ ଓଡ଼ିଶାର କୌଣସି ବ୍ୟକ୍ତି ଏଥର ସଦସ୍ୟ ମନୋନୀତ ହୋଇ ନ ପାରିବା ସମ୍ବନ୍ଧରେ ଯେଉଁ ଘୋର ଆନ୍ଦୋଳନ ଉପସ୍ଥିତ ହୋଇଅଛି ତହିଁର ଅନୁସନ୍ଧାନ ନିମନ୍ତେ ଓଡ଼ିଶାର ବିଭାଗୀୟ କମିଶନର ସମ୍ଭବତଃ ଗବର୍ଣ୍ଣମେ-

Digitized by srujanika@gmail.com

Split by PDF Splitter



ଷ୍ଟ୍ରଙ୍କର ଅଧିବେଶନରେ ଗତପୂର୍ବ ଶନିବାର ବାଲେଶ୍ୱରକୁ ଯାଇ ସେଠା ମିଉନିସିପାଲ କମିଶନରମାନଙ୍କର ସଭା କରି ସେମାନଙ୍କର ଅଭିପ୍ରାୟ ବୁଝିଥିଲେ । ସାହେବ ମହୋଦୟ ଅନୁସନ୍ଧାନରେ କି ସିଦ୍ଧାନ୍ତ କଲେ ଜାଣିବାର ଉପାୟ ନାହିଁ । 'ଓଡ଼ିଆ ଓ ନବସମ୍ବାଦ' ଲେଖିଅଛନ୍ତି କି ସେ ସଭାରେ "ସମସ୍ତ ମିଉନିସିପାଲକମିଶନରଙ୍କ ପ୍ରେରିତ ସଦସ୍ୟଙ୍କୁ ଯେଉଁ ଉପଦେଶ ଦେଇଥିଲେ ସେମାନଙ୍କର ଉପଦେଶରେ କିଛି ଅନ୍ୟାୟ ବା ବ୍ୟତିକ୍ରମ ଥିବାର କେହି ସ୍ୱୀକାର କଲେ ନାହିଁ କମ୍ବା ସଦସ୍ୟ (ପ୍ରତିନିଧି) ମହାଶୟ କିଛି ଅନ୍ୟାୟ କାର୍ଯ୍ୟ କରି ନାହାନ୍ତି ଏହାର ସିଦ୍ଧାନ୍ତ ହୋଇଅଛି ।" ଆମ୍ଭମାନଙ୍କର ପ୍ରବୀଣ ବିଭାଗୀୟ କମିଶନର ଯେବେ ଏପରି ସିଦ୍ଧାନ୍ତ କରଥାନ୍ତି ତେବେ ଆଶ୍ଚର୍ଯ୍ୟର ବିଷୟ ଅଟେ । ମିଉନିସିପାଲ କମିଶନରମାନଙ୍କର ଯେଉଁ ଅଧିବେଶନରେ ପ୍ରତିନିଧି ନିଯୁକ୍ତ ଏବଂ ତାହାଙ୍କର ଅଧିକାର ନିରୂପଣ ହୋଇଥିଲା ସେ ଅଧିବେଶନର ବିବରଣ ନିୟମାନୁସାରେ ବାଲେଶ୍ୱର ମାଜିଷ୍ଟ୍ରେଟ ଏବଂ ବିଭାଗୀୟ କମିଶନରଙ୍କ ନିକଟକୁ ଅବଶ୍ୟ ଆସିଅଛି ଏବଂ ସେମାନଙ୍କର କଚେରୀରେ ଅଛି । ତାହା ପଢ଼ି ସେହି ଉକ୍ତ କର୍ମଚାରୀମାନେ କି ଅର୍ଥ କରୁଅଛନ୍ତି ଏବଂ ସେହି ଅର୍ଥ ଗବର୍ଣ୍ଣମେଣ୍ଟ ଯୁକ୍ତିସଙ୍ଗତ ମନେ କରନ୍ତି କି ନା ଏତିକି ବୁଝିବାର କଥା । ଜନସାଧାରଣରେ ସେ ପ୍ରସଙ୍ଗରେ ଯେଉଁ ନିର୍ଦ୍ଧାରଣ ପ୍ରକାଶ ହୋଇଅଛି ତହିଁରୁ ସ୍ପଷ୍ଟ ବୁଝାଯାଏ ଯେ ବାଲେଶ୍ୱର ପ୍ରତିନିଧି ଆପଣା ଅଧିକାରର ବହିର୍ଭୂତ ଅନ୍ୟାୟ କାର୍ଯ୍ୟ କରି ସ୍ୱଦେଶ ଦ୍ରୋହୀ ହୋଇଅଛନ୍ତି । ସେ ନିର୍ଦ୍ଧାରଣ ଭିନ୍ନପ୍ରକାର ଥିବାର କେହି କହୁ ନ ଥିବାସ୍ଥଳେ କମିଶନର ସାହେବଙ୍କର ସିଦ୍ଧାନ୍ତ ନ୍ୟାୟସଙ୍ଗତ ବୋଲି କିପରି ବୋଲାଯିବ ? ଯେବେ ନିର୍ଦ୍ଧାରଣ ଠିକ ଅଛି ତେବେ ତହିଁ ପ୍ରତି ବହୁସଂଖ୍ୟକ ଲୋକ ସଭାରେ ଯାହା ବ୍ୟକ୍ତ କରୁଅଛନ୍ତି ତାହା ଠିକ ଅଟେ ଏବଂ କମିଶନର ସାହେବ ଭିନ୍ନଅର୍ଥ କଲେ ମଧ୍ୟ କାହାର ମନ ମାନିବ ନାହିଁ । ପରନ୍ତୁ ଏ କଥାର ମୀମାଂସା ନିମନ୍ତେ କମିଶନର ସାହେବଙ୍କର ବାଲେଶ୍ୱରକୁ ଯିବା କଷ୍ଟସ୍ୱୀକାର କରିବାର ଆବଶ୍ୟକ ନ ଥିଲା । ମିଉନିସିପାଲ କମିଶନରମାନେ କି ଏପରି କଠିନ ଭାଷାରେ ସେମାନଙ୍କର ନିର୍ଦ୍ଧାରଣ ଲେଖିଥିଲେ ଯେ ସେମାନେ ନ ବୁଝାଇଲେ ତହିଁର ଅର୍ଥ କେହି ବୁଝିପାରିବେ ନାହିଁ ?

## ହାଟରେ ଗୋରୁ ବିକ୍ରୀ ।

ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି କି ବାବୁ ଗୋପୀନାଥ ବୋଷ ଉକିଲ ପ୍ରାୟ ୨୫ ବର୍ଷ ହେଲା ଅର୍ଦ୍ଧ ଟାଉନ ମଧ୍ୟରେ ଏକ ନୂତନ ହାଟ ବସାଇଅଛନ୍ତି । ପ୍ରତି ସପ୍ତାହ ରବିବାର ଓ ବୃହସ୍ପତିବାରରେ ସେ ହାଟ ହୋଇଥାଏ । ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରେ ଗୋ ମେଷାଦି ଅନେକ ବିକ୍ରୀ ହୁଅଇ । ହାଟରେ ଗୋରୁବିକ୍ରୀ ଅଳ୍ପ ପରିମାଣ କାର୍ଯ୍ୟକ୍ଷମ ଗୋରୁ କୃଷୀ ଓ ବ୍ୟବସାୟୀମାନେ ଓ ଅବଶିଷ୍ଟ ଗୋରୁମାନ ଭଦ୍ରଖ ଓ ଯାଜପୁରର ମୁସଲମାନ ବେପାରୀ ଓ କଂସାଇମାନେ କିଣିକରି ନେଇ ଯାଆନ୍ତି । କେତେକ ସପ୍ତାହ ହେଲା କାବୁଲିମାନେ ଆସି ଗୋରୁ କିଣି କଲିକତାକୁ ନେଇ ଯାଉଅଛନ୍ତି । ପୁଣି ସରଗଡ଼ା ପ୍ରଗନା କଟୋର ହାଟରେ ଏହି ପରି ଅଥବା କିଛି ଊଣା ଗୋରୁ ବେପାରୀମାନେ ଖରିଦକରି ନେଇ ଯାଉଅଛନ୍ତି । ଯାଜପୁର ସବଡିଭିଜନର ଏହି ଦୁଇ ହାଟରୁ ଯେବେ ପ୍ରତିହାଟପାଳରେ ଶତ ୨ ଗୋରୁ କଂସାଇ ପ୍ରଭୃତି ନେଇଗଲେ ତେବେ ଅଳ୍ପଦିନ ମଧ୍ୟରେ ଗୋ ବଂଶ ଧ୍ୱଂସ ହେବା ବିଚିତ୍ର ନୁହେ । ବ ୨୦।୩୦ ବର୍ଷ ପୂର୍ବରେ ହିନ୍ଦୁମାନେ ମୁସଲମାନ ବେପାରୀମାନଙ୍କୁ ଗୋରୁ ବିକ୍ରୀ କରିବା ମହାପାପ ମନେ କରୁଥିଲେ ଓ ସେପରି ବିକ୍ରେତା ପତିତ ହେଉଥିଲା । ବର୍ତ୍ତମାନ ସମାଜବନ୍ଧନ ଶିଥିଳ ହୋଇଅଛି ଓ ଗୋରୁ ବିକ୍ରୟ ଅବାଧରେ ଚାଲୁଅଛି । ଆମ୍ଭେମାନେ ଭୂମିଷ୍ଠ ହେଲାମାତ୍ରେ ଯେଉଁ ଗାଈ ଆମ୍ଭମାନଙ୍କୁ ଦୁଗ୍ଧ ଦାନକରି ପ୍ରାଣରକ୍ଷା କଲା ଓ ଯାହାର ଘୃତରେ ଆମ୍ଭମାନଙ୍କ ଶରୀର ପୁଷ୍ଟ ହେଲା ଓ ଯେଉଁ ବଳଦର ଶ୍ରମଜାତ ଶସ୍ୟରେ ଆମ୍ଭମାନଙ୍କର ପ୍ରାଣରକ୍ଷା ହେଉଅଛି ଉକ୍ତ ଗୋରୁ ବୃଦ୍ଧ ଓ ରୁଗ୍ଣ ଓ ଜନନଶକ୍ତି ହୀନ ହେଲାରୁ ସାମାନ୍ୟ ଟ ୨।୩ ଙ୍କା ଲୋଭରେ ସେ ଗୋରୁମାନଙ୍କୁ ହାଟକୁ ଆଣି କଂସାଇ ହସ୍ତରେ ସମର୍ପଣ କରିବା କେତେଦୂର ମହାପାପ ତାହା ହିନ୍ଦୁସମାଜ ବିଚାର କରିବେ । ଆମ୍ଭେମାନେ ବୋଧକରୁଁ କି ହାଟରେ କସାଇମାନଙ୍କୁ ଗୋରୁ ବିକ୍ରୟ କରିବା ପାପ ହେଲେ ବିକେତାପରି ହାଟର ସ୍ଥାପନକର୍ତ୍ତା ମଧ୍ୟ ଦୋଷୀ ହେବା ନ୍ୟାୟସଙ୍ଗତ ହେଉଅଛି । ହାଟର ମାଲିକର ହାଟରେ ଦ୍ରବ୍ୟ ବିକ୍ରୟ ହେବା ସମ୍ବନ୍ଧରେ ନିୟମ କରିବାର ଅଧିକାର ଅଛି । ମାଲିକ ଇଚ୍ଛା କଲେ ଅନାୟାସରେ ସେପରି ବେପାର ନିଷେଧ କରିପାରେ । ନିଷେଧ ନ କଲେ ଅବଶ୍ୟ ସହାୟତା କରିବାର ବୋଲାଯିବ । କି ହିନ୍ଦୁ, କି ମୁସଲମାନ, ଖ୍ରୀଷ୍ଟିୟାନ ବା ଅପର ଧର୍ମାବଲମ୍ବୀ ଗାଈଦୁଧ ଛଡ଼ା କାହାର ପିଲା ମନୁଷ୍ୟ ହୋଇ ନାହିଁ ଏବଂ ଏଥିପାଇଁ ଗାଈ ସମସ୍ତଙ୍କର ମାତା ଓ ପୂଜ୍ୟା । ଅତଏବ ତାହାକୁ ବଧ କରିବା ପାପ ବୋଲିଯିବା ଅସଙ୍ଗତ ନୁହେ । ଶୁଣିଅଛୁଁ ଯେ ବିଲାତ ପ୍ରଭୃତି ଗୋଖାଦକ ଦେଶରେ ଅଣ୍ଡିରା ବଳଦ ମାଈଗୋରୁ ମାରନ୍ତି ନାହିଁ । ତମ ସହାଦେଶ ଅଳ୍ପମୂଲ୍ୟ ଗୋରୁର ମୂଲ୍ୟ ହୁଏ । ସେହି ମୂଲ୍ୟରେ ଘର ଦେଲେ ପାଣ ପ୍ରବୃତ୍ତି ମୃତପଶୁ ବୋଲାଯିବେ ।

## ମୋହରମ

ଏ ନଗରର ହିନ୍ଦୁ ଓ ମୁସଲମାନଙ୍କର ଦଶହରା ଏବଂ ମୋହରମ ଯୋଡ଼ିଏ ପ୍ରଧାନ ପର୍ବ ଅଟେ । ଏହି ଦୁଇପର୍ବ ପରି ସମାରୋହ ଅନ୍ୟ କୌଣସି ପର୍ବରେ ଏଠାରେ ଦେଖାଯାଏ ନାହିଁ । ଆଖଡ଼ା ଖେଳ ନାନା ପ୍ରକାର ସୁଆଙ୍ଗ ଏବଂ ବଡ଼ ୨ ତାଜିଆ ହେତୁ ଏ ପର୍ବର ଜାକଜମକ ଅଧିକ । କାଳକ୍ରମେ ଆଖଡ଼ା ଦଳମାନ ଦୁର୍ବଳ ଏବଂ ତାଜିଆମାନ କ୍ଷୁଦ୍ର ହୋଇ ଆସୁଅଛି ଏବଂ ତହିଁ ସଙ୍ଗେ ଯାତ୍ରୀ ସମାଗମ ଊଣା ପଡ଼ୁଅଛି । ଗତବର୍ଷ ପରି ଏ ବର୍ଷ ମୋଟ ୧୨ ଟା ତାଜିଆ ହୋଇଥିଲା ମାତ୍ର ଆକାର ଓ ସାଜ ଗତବର୍ଷଠାରୁ ଊଣା ଥିଲା । କେବଳ ସୂତାହାଟ ତାଜିଆର ଗଠନ ଓ କାରିଗରୀ ପୂର୍ବଠାରୁ ଅଧିକ ନ ହେଲେହେଁ ଊଣା ନ ଥିଲା । ଚାନ୍ଦନୀଚକର ତାଜିଆର ଜାଲିକାମ ଭଲ ହୋଇଥିଲା, କାଜିବଜାର କିଛି ନୂଆକାମ ଦେଖାଇଥିଲା, ଏବଂ ମୋକାରକ ଓ ଓଡ଼ିଆ ବଜାରର ତାଜିଆମାନ ଗତବର୍ଷର ଠେକ ରଖିଥିଲା । ଗତ ରବିବାର ପ୍ରାତଃକାଳରେ ତାଜିଆମାନ ଚୌଜନଚୌକରେ ମେଳ ହୋଇ ଦିନ ଘ ୧୧ ଘଣ୍ଟା ବେଳେ କଦମରସୁଲରେ ଭେଟ ଦେଇ ଚାଲିଗଲେ ଏବଂ ରାତ୍ର ଘ ୭ ଘଣ୍ଟା ବେଳେ ବାହାରି ଘ ୧୧ ଘଣ୍ଟା ବେଳେ ବିସର୍ଜନ କାର୍ଯ୍ୟ ଶେଷ କଲେ । ଆଖଡ଼ା ଖେଳରେ ତମାସାର କିଛି ଦେଖା ଗଲା ନାହିଁ । ଏବଂ ବନେଟି ଖେଳର ଭାଗ ଅଳ୍ପ ଥିଲା । ଦଳର ଦୁର୍ବଳ୍ୟତା ହେତୁ ବନେଟିର ହ୍ରାସ ଏବଂ ଚାଉଳ ମହାର୍ଘ ହେତୁ ତାଜିଆ ଓ ଆଖଡ଼ାର ଅବନତି ଏବଂ ଯାତ୍ରୀ ଊଣା ହେବାର ଅନେକ ଲୋକ କହିବାର ଶୁଣାଗଲା । ଚାଉଳ ମହାର୍ଘ ବାଧିଅଛି ସନ୍ଦେହ ନାହିଁ ମାତ୍ର ତାହା ଏ ଅବନତିର ଏକମାତ୍ର ବା ପ୍ରଧାନ କାରଣ ବୋଲି ଆମ୍ଭେମାନେ କହି ପାରୁ ନାହୁଁ । ଲୋକଙ୍କର ଭାବ ଓ ରୁଚିର ପରିବର୍ତ୍ତନ ଏବଂ ସାଧାରଣ ସୁଖଠାରୁ ଆତ୍ମସୁଖର ଅଧିକ ଇଚ୍ଛା ଏଥିର କାରଣ ବୋଲି ଆମ୍ଭେମାନେ ଅନୁମାନ କରୁଁ । ଯେଉଁ ଶ୍ରେଣୀର ଲୋକମାନେ ତାଜିଆ ଓ ଆଖଡ଼ାର ସାହାଯ୍ୟ କରନ୍ତି ଚାଉଳ ମହାର୍ଘ ହେତୁ ସେମାନଙ୍କର ନିଜର ସୁଖ ସ୍ୱଚ୍ଛନ୍ଦତାର କିଛି ନଷ୍ଟ ହୋଇ ନାହିଁ କମ୍ବା ସୋଡ଼ା ଲେମନେଡ ଗୁଡ଼ା ପାନ ଓ ପିକାର ଖରଚ ଊଣା ହେବାର ଦେଖାଗଲା ନାହିଁ । ଭଜା ମିଠାଇ ଖେଳେଣା ଇତ୍ୟାଦିର ଦୋକାନ ଅନ୍ୟାନ୍ୟବର୍ଷ ପରି ବସିଥିଲା ଏବଂ ତହିଁ ମଧ୍ୟରେ ମାଟିର ଖେଳେଣାର ଦୋକାନ କିଛି ଅଧିକ ଥିଲା ଓ ତହିଁର କାରିଗରିରେ ମଧ୍ୟ ଉନ୍ନତି ଦେଖା ଯାଉଥିଲା । ମାଟି ବଦଳରେ କାଠର ଓ ସୋଲର ଖେଳେଣା ଅଧିକ ହେବା ବାଞ୍ଛନୀୟ । ଯାତ୍ରୀ ଊଣା ହୋଇ ଦୋକାନୀ ମାନଙ୍କର ବିକ୍ରୀ କିଛି ଊଣା ହୋଇ

Digitized by srujanika@gmail.com

ଥିବ ମାତ୍ର ବିଶେଷ ନୁହେ ଯାହାହେଉ ଯାଗ ସ୍ଥଳ ଏବଂ ପୁଲିଶର ସଂରକ୍ଷତା ହେତୁ ଯାତ୍ରାରେ ଅତ୍ତ୍ୱ ଅସୁବିଧା ହୋଇ ନ ଥିଲା । କେବଳ ଦୁଃଖର ବିଷୟ ଏହି ଯେ ସଦରଥାନା ନିକଟରେ ଅଲ୍ଡେଫେର ଓ ଜୋହାପାଗ୍ରି ଝଗଡ଼ା ମଧ୍ୟରେ ଦଙ୍ଗା ହୋଇଥିଲା ମାତ୍ର ପୁଲିଶସାହେବ ବସୁରତା ସହିତ ଦଙ୍ଗା ମଧ୍ୟରେ ପ୍ରବେଶ କରି ତାହା ଭାଙ୍ଗିଦେବାରେ ଦୁଇଜଣ କେବଳ ସାମାନ୍ୟ ଆଘାତ ଛଡ଼ା ଆଉ କିଛି ଅନିଷ୍ଟ ହୋଇ ନାହିଁ । ଏପର ବଟୋଷ୍ଟି ଖେଳରେ ଦୁଇଜଣ ଲୋକ ସାମାନ୍ୟ ଯୋଡ ଯାଇଥିଲେ । ଆରୋଗ୍ୟ ହୋଇଅଛନ୍ତି ।

---

ସ୍ୱଦେଶୀ ବ୍ରତ ପାଳନ ।

ପୂର୍ବବଙ୍ଗ ବରିଶାଲର ଲୋକମାନେ ସ୍ୱଦେଶୀ ବ୍ରତ ପାଳନ ଏବଂ ତହିଁପ୍ରତି ଅନୁରାଗ ଓ ଉତ୍ସାହ ଦେଖାଇବାରେ ଯେପରି ଅଗ୍ରସର ଅନ୍ୟ କୌଣସି ପ୍ରଦେଶରେ ସେପରି ଦେଖାଯାଏ ନାହିଁ । ଏହାଙ୍କ ସମ୍ବାଦପତ୍ରରେ ପ୍ରକାଶ ଯେ ବିଲାତି ପଣ୍ୟ ଆମଦାନି ଓ ବିକ୍ରି କରିବାକୁ ପୁନଃ ପୁନଃ ଅନୁରୋଧ ଓ ପ୍ରାର୍ଥନା ହୋଇଥିଲେ ସୁଦ୍ଧା କେତେକ ଦେଶୀୟ ଦୋକାନଦାର ବିଲାତି ଲୁଗା ଇତ୍ୟାଦି ଆଣି ବିକ୍ରୟ କରିବାକୁ କ୍ଷାନ୍ତ ହେଲେ ନାହିଁ ଏବଂ ସେଥିପାଇଁ ସ୍ଥାନୀୟ ଲୋକମାନେ ସେମାନଙ୍କୁ ଏକପ୍ରକାର ଏକଘରିଆ କରିଥିଲେ । ଗତ ସରସ୍ୱତୀ ପୂଜାସମୟରେ ଏମନ୍ତ ଘଟଣା ହେଲା ଯେ ସେହି ଦୋକାନଦାରଙ୍କ ଘରେ ସରସ୍ୱତୀ ପୂଜା କରିବା କାରଣ କେହି ବ୍ରାହ୍ମଣ ସମ୍ମତ ହେଲେ ନାହିଁ । ବ୍ରାହ୍ମଣ ପୁରୋହିତମାନଙ୍କୁ ସେମାନଙ୍କ ମଧ୍ୟରୁ କେହି୨ ପାଞ୍ଚଶତ ଟଙ୍କା ଦକ୍ଷିଣା ଯାଚିଲେ ମଧ୍ୟ ସେମାନେ ଅଟଳ ରହିଲେ ଏବଂ କହିଲେ ଯେ ଯେଉଁମାନେ ନିଜର ସାମାନ୍ୟ ଲାଭସକାଶେ ଆପଣା ଦେଶୀୟ ଲୋକଙ୍କର ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିବାକୁ ଲଜ୍ଜିତ ନୁହନ୍ତି ସେମାନଙ୍କ ସଙ୍ଗେ କୌଣସି ସମ୍ପର୍କ ରଖିବା ଉଚିତ ନୁହେ । ସେମାନେ ପତିତ ହୋଇ ଭାଗରେ ଯୋଗ୍ୟ । ଲିଖିତ ଅଛି ଯେ ଦୋକାନଦାରମାନେ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ନିକଟରେ ସାହାଯ୍ୟ କରି ପ୍ରତିକାର ପାଇବାକୁ ଯାଇଥିଲେ । ମାତ୍ର ମାଜିଷ୍ଟ୍ରେଟ ସାହେବ ସେ ସମୟରେ ମଫସଲରେ ବାହାରିଯାଇଥିଲେ ଏବଂ ତାହାଙ୍କର ଅଧୀନସ୍ଥ କର୍ମଚାରୀମାନେ ନିଜ ଦାୟିତ୍ୱରେ କିଛି କରିବାକୁ ସାହସୀ ହେଲେ ନାହିଁ । ଏହି ଦୋକାନଦାରଙ୍କ ପ୍ରତି ସ୍ଥାନୀୟ ଲୋକଙ୍କର ମନ ଏତେଦୂର ବିଗିଡ଼ି ଯାଇଥିଲା ଯେ ଯେତେବେଳେ ସେମାନେ ଯାତ୍ରା ହେଉଥିବା ଏକ ସ୍ଥାନରେ ଯାତ୍ରା ଦେଖିବାକୁ ଗଲେ ସେତେବେଳେ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକ ବାହାରି ଆସିଲେ ଏବଂ ଯାତ୍ରା ଭଙ୍ଗ ହୋଇଗଲା । ସେହି ଦୋକାନଦାରଙ୍କ ସଙ୍ଗୀମାନଙ୍କ ବେଗିପର ସ୍ଥାନୀୟ ଲୋକମାନେ ପରିତ୍ୟାଗ କରିଥିଲେ । ସ୍ୱଦେଶୀପ୍ରତି ବରିଶାଲବାସିଙ୍କର କେତେ ପ୍ରଗାଢ଼ ପ୍ରେମ ଓ ନିଷ୍ଠା ଏଥିରୁ ପାଠକମାନେ ବୁଝିପାରିବେ । ଏହିମାନଙ୍କର ସ୍ୱଦେଶପ୍ରତିଜ୍ଞା ସାର୍ଥକ ଅଟେ । ଅତଃପର ଅମୃତବଜାର ପତ୍ରିକାରେ ପ୍ରକାଶିତ ଏକ ତାରସମ୍ବାଦରୁ ଅବଗତ ହେଲୁଁ ଯେ ସେହି ବିଲାତି ଲୁଗା ବିକେତାଙ୍କ ମଧ୍ୟରୁ କେତେଜଣ ଆପଣାର ଦୁର୍ନାମ ଘୁଞ୍ଚାଇବା ଅଭିପ୍ରାୟରେ ଗୋଟିଏ କାଳୀପୂଜାର ଅନୁଷ୍ଠାନ କରିଅଛନ୍ତି । ସ୍ଥାନୀୟ ପୁରୋହିତ ଓ ବାଜାବାଲା କେଣେସୁଦ୍ଧା ନ ପାଇବାରୁ ସେମାନେ ନିଜ ଜନ୍ମସ୍ଥାନ ଢାକାରୁ ପୂଜକ ବ୍ରାହ୍ମଣ ଓ ବାଜାଦାର ଆଣାଇଅଛନ୍ତି । ସେମାନେ ରେଲ ଷ୍ଟେସନରେ ପହଞ୍ଚିବା ମାତ୍ରେ ସେଠାରେ ଉପସ୍ଥିତଥିବା ପୁଲିଶଦଳ ସେମାନଙ୍କୁ ଆଣି ଏକଜଣର ଘରେ ରଖାଇ ଜଗିରହିଅଛନ୍ତି । ପୂଜାହେବାର ପ୍ରତିମା କେହି ସ୍ଥାନୀୟ କାରିଗର ଗଢ଼ି ନ ଦେବାରୁ ବାକରଗଞ୍ଜରୁ ନ ୨୫ ଣ ପୁଲିଶ ପହରାରେ ଅସିଅଛି । ଯେଉଁଘରେ ପୂଜା ହେବ ସେଠାରେ ପୁଲିଶବାଲାମାନେ ଠେଙ୍ଗାଧରି ଜଗିରହିଅଛନ୍ତି ।

---

ବଙ୍ଗେଶ୍ୱରଙ୍କର ଉତ୍କଳ ଭ୍ରମଣ ।

ମୟୂରଭଞ୍ଜ

ମାନ୍ୟବର ସର ଫ୍ରେଜର ବାହାଦୁର ଗତ ତା ୨୦ ରଖ ସକାଳେ ମୟୂରଭଞ୍ଜ ରୋଡ଼ ଷ୍ଟେସନଠାରେ ଖାସ ଗାଡ଼ିରେ ସକାଳ ବେଳେ ପହଞ୍ଚିଲେ । ତାହାଙ୍କୁ ଭେଟିବା କାରଣ ମୟୂରଭଞ୍ଜର ମହାରାଜା ସେଠାରେ ଉପସ୍ଥିତ ଥିଲେ ଓ ଅତିଶ ଉତ୍ତମ ବନ୍ଦୋବସ୍ତ କରିଥିଲେ । ମାନ୍ୟବର ମହୋଦୟ ଓ ତାହାଙ୍କର ସମଭିବ୍ୟାହାରୀ ବର୍ଗଙ୍କୁ ଯଥୋଚିତ ଆଦର ଅଭ୍ୟର୍ଥନା କରି ଆଡକୁ ନେଇଗଲେ । ମାତ୍ର ଗୋଟିଏ ଗୁଳି ଛଡ଼ା କଲ ଜନ୍ତୁ ବାହାରିଲେ ନାହିଁ । ଯାହା ହେଉ ଶିକାରର ଆମୋଦରେ କିଛି ବ୍ୟାଘାତ ହୋଇ ନ ଥିଲା ଓ ମାନ୍ୟବର ମହୋଦୟ ଅନେକ ସ୍ଥାନ ଭ୍ରମଣ କରି ସନ୍ଧ୍ୟା ସମୟରେ ଖାସ ରେଲକୁ ଫେରି ଆସି ରାତ୍ରରେ ପୁରୀକୁ ଯାତ୍ରା କଲେ ।

ପୁରୀ

ତା ୨୧ ରଖ ସକାଳେ ପୁରୀରେ ପହଞ୍ଚି ଅପରାହ୍ନରେ ରେଳଗାଡ଼ିରେ ଭୁବନେଶ୍ୱର ପରିଭ୍ରମଣ କରି ସନ୍ଧ୍ୟାବେଳେ ପୁଣି ପୁରୀରେ ପ୍ରବେଶ ହେଲେ । ଅରଦିନ ସକାଳେ ପଟ୍ଟୀରେ ଚଢ଼ି ସରକାରୀ ରାସ୍ତାରେ ପ୍ରାୟ ମା ୧୭ ଇଲ କଣାରକ ମନ୍ଦିର ନିକଟକୁ ଗଲେ ଏବଂ ତାହାଠାରୁ ପଟ୍ଟୀରେ ଓହ୍ଲାଇ ହାତୀ ଚଢ଼ି ବାଲି ପାର ହୋଇ କଣାରକ ମନ୍ଦିରଠାରେ ପ୍ରବେଶ ହେଲେ । ସେଠାରେ ମନ୍ଦିରର ଯୋଡ଼ା ଅଂଶମାନ ଖୋଳି ବାହାର କରିବା କାର୍ଯ୍ୟ ସବେଗରେ ଲାଗିଅଛି ଏବଂ ପ୍ରାୟ ପ୍ରତିଦିନ ଏକ୨ ପଥର ମୂର୍ତ୍ତି ବା ତହିଁର ଅଂଶ ବାହାରୁଅଛି । ସେଠାର କାର୍ଯ୍ୟ ଦେଖି ହାତୀ ଓ ଜାହାଜରେ ଯେପରି ଯାଇଥିଲେ ସେହିପରି ଫେରି ଆସି ସନ୍ଧ୍ୟା ବେଳେ ପୁରୀରେ ପହଞ୍ଚିଲେ ଓ ପୁରୀର ରାଜା ଏବଂ ପୁରୀକୁ ଆସିଥିବା ଖଲ୍ଲିକୋଟ ଓ ଅଠଗଡ଼ର ରାଜାଙ୍କୁ ସାକ୍ଷାତ ପ୍ରଦାନ କଲେ । ରାତ୍ରରେ ସରକିଟ ବଙ୍ଗଳାରେ ସେଠାର ଭଦ୍ର ଲୋକଙ୍କୁ ସରକାରୀ ଭୋଜୀ ଦେଇଥିଲେ । ପରଦିନ ତା ୨୨ ରିଖ ସକାଳେ ଜେଲଖାନା ଓ ଡାକ୍ତରଖାନା ପରିଦର୍ଶନ କରି ଡାକବଙ୍ଗଳାରୁ ଫେରିଆସି କେତେକ ଭଦ୍ରଲୋକଙ୍କୁ ସାକ୍ଷାତ ଦେଲେ । ପରେ ସେଠା କଲେକ୍ଟର ଶ୍ରୀ ମିଷ୍ଟ ସାହେବଙ୍କ ସହିତ ସକାଳର ଭୋଜନ ସମାପନ କରି ଘ ୧୧।୧୫ ମିନିଟ ବେଳେ କଟକକୁ ଯାତ୍ରା କଲେ ।

କଟକ ।

ମାନ୍ୟବର ବଙ୍ଗେଶ୍ୱର ସର ଫ୍ରେଜର ବାହାଦୁର ଗତ ଶନିବାର ଦିବା ଘ ୧୨।୧୫ ମିନିଟ ସମୟରେ ଖାସ ରେଲରେ ଏଠା ରେଲଷ୍ଟେସନରେ ପହଞ୍ଚିଲେ । ତାହାଙ୍କର ଆଗମନ ଅପ୍ରକାଶ୍ୟ ଥିଲେହେଁ ଜଏଣ୍ଟ ମାଜିଷ୍ଟ୍ରେଟଙ୍କର ବନ୍ଦୋବସ୍ତ ମତେ ସଲାମି ଦେବା କାରଣ ସିପାହୀ ପୁଲିଶ ଦଳ ଏବଂ ସବଜଜ ମୁନସଫ ଡେପୁଟି କଲେକ୍ଟର ପ୍ରଭୃତି ସରକାରୀ କର୍ମଚାରୀମାନେ ଓ ମିଉନିସିପାଲ କମିଶନର ଓ ଜିଲା ବୋର୍ଡର ମେମ୍ବରଗଣ ଷ୍ଟେସନଠାରେ ସମବେତ ହୋଇଥିଲେ । ମାନ୍ୟବର ମହୋଦୟଙ୍କ ସଙ୍ଗେ ତାହାଙ୍କର ସହଧର୍ମିଣୀ, ଜଣେ ଶରୀର ରକ୍ଷକ ଓ ପ୍ରାଇଭେଟ ସେକ୍ରେଟାରୀ ଥିଲେ । ପ୍ରଥମେ ଶ୍ରୀମତୀ ଫ୍ରେଜର ମହୋଦୟା ରେଲଗାଡ଼ିରୁ ଅବତରଣ କରି ଲାଲବାଗ କୋଠିକୁ ଯାତ୍ରା କଲେ । ତହିଁର ଅଳ୍ପକ୍ଷଣ ପରେ ମାନ୍ୟବର ମହୋଦୟ ଅବତରଣ କରି ଦୁଇ ପାର୍ଶ୍ୱରେ ଛିଡ଼ା ହୋଇଥିବା ଉପରଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ ସମସ୍ତ କେତେକ ଜଣଙ୍କ ସଙ୍ଗେ କରମର୍ଦ୍ଦନ କରି ଦ୍ୱାରଦେଶରେ ପୁଲିଶର ସଲାମି ଗ୍ରହଣ କରି ନିଜର ମଟରକାର ଗାଡ଼ିରେ ବସି ଯୋବ୍ରା ଜଳସରବରାହ ଯାତ୍ରା କଲେ । ତହୁଁ ଜେନେରାଲ ହସପିଟାଲ ଡାଣ୍ଡିଷମସ ଜେଲଖାନା ଦେଖି ପାଗଲଖାନା ସନ୍ତକ ବାଟେ କାଠଯୋଡ଼ି କୂଳ ସଡ଼କରେ ଲାଲବାଗ କମିଶନର ସାହେବଙ୍କ କୋଠିକୁ ବିଜେ କଲେ । ସେଠାରେ ଜଲଯୋଗ ଉତ୍ତାରୁ ଅପରାହ୍ନ ଘଣ୍ଟାଠାରୁ ଘ ୪ଘଣ୍ଟା ପର୍ଯ୍ୟନ୍ତ ମହାରାଜା ରାଜା ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଭଦ୍ରଲୋକଙ୍କୁ ସାକ୍ଷାତ ପ୍ରଦାନ କରିଥିଲେ । ମୟୂରଭଞ୍ଜର ମହାରାଜା ଏବଂ କେନ୍ଦୁଝର, ଢେଙ୍କାନାଳ ଓ ପାଲଲହଡ଼ାର ରାଜାମାନେ ମହୋଦୟଙ୍କର ଦର୍ଶନାର୍ଥେ ଏ ନଗରକୁ ଆସିଥିଲେ । ପରେ ପ୍ରାୟ ଘ ୫ଘଣ୍ଟା

Digitized by srujanika@gmail.com

Split by PDF Splitter



ବେଳେ କୋଠିରୁ ବାହାରିବା ମାତ୍ରେ ଏଠା କ୍ୟାଣ୍ଟନମେଣ୍ଟ ଏଲାକାର ସ୍ତ୍ରୀ ପୁରୁଷ ଅନେକ ପ୍ରଜା ଏକ ଗୁହାରି ଦରଖାସ୍ତ ନେଇ ଛିଡ଼ା ହୋଇଥିବାର ଦେଖି ସେମାନଙ୍କର ଗୁହାରି ଶୁଣିଲେ ଏବଂ ଦରଖାସ୍ତ ଗ୍ରହଣ କଲେ। କ୍ୟାଣ୍ଟନମେଣ୍ଟ ଇଲାକାର ପ୍ରଜାମାନେ ବହୁ ଖଜଣାରେ ଅପଣା ଘର ବାଡ଼ି ଜମି ଭୋଗ କରି ଆସୁଅଛନ୍ତି। ବର୍ତ୍ତମାନ କ୍ୟାଣ୍ଟନମେଣ୍ଟ ଉଠିଯିବାରୁ ସେମାନଙ୍କର ଘର ବାଡ଼ି ଉପରେ ଖାସମହାଲ ଦରରେ ଜମା ବନ୍ଧ ହେବାର ଶୁଣି ଅତ୍ୟନ୍ତ ଚିନ୍ତିତ ଓ ଭୀତ ହୋଇଅଛନ୍ତି। ମାନ୍ୟବର ମହୋଦୟ କମିଶନର ସାହେବଙ୍କ ସଙ୍ଗେ ବିଚାର କରି ଯଥା ସମୟରେ ଆଦେଶ ଦେବାର କହି କଲେଜ ଓ ସ୍କୁଲ ଦେଖି ମିଉନିସିପାଲ କଚେରୀ ସଂଲଗ୍ନ ଯୁବିଲି ଉଦ୍ୟାନରେ ନବ ନିର୍ମିତ ଟାଉନ ଲାଇବ୍ରେରୀ ହଲ ନାମକ ଅଟ୍ଟାଳିକା ଉଦ୍ଘାଟନ କରିବା କାରଣ ଆଗମନ କଲେ ଏବଂ ସେଠା କାର୍ଯ୍ୟ ସାରି ରାୟ ଘୋଷେଶଚନ୍ଦ୍ର ଚନ୍ଦ୍ର, ବାହାଦୁରଙ୍କର ଘରସଂଲଗ୍ନ ତାହାଙ୍କର ସ୍ଥାପିତ ଅନ୍ନପୂର୍ଣ୍ଣା ଲାଇବ୍ରେରୀ ଦେଖି ଲାଲବାଗ କୋଠିକୁ ପ୍ରତ୍ୟାଗମନ କଲେ ଏବଂ କିଛିକାଳ ଉତ୍ତାରୁ ରେଲ ଷ୍ଟେସନକୁ ଯାଇ ଖାସ ରେଲରେ ଉତ୍ତରାଭିମୁଖେ ପ୍ରସ୍ଥାନ କଲେ। ଘ ୭ ଘଣ୍ଟା କାଳ ମଧ୍ୟରେ ଯେତେକ ବୁଲ କାର୍ଯ୍ୟ କରିଗଲେ ତାହାଙ୍କର ବୟସ ବିବେଚନାରେ ପ୍ରଶଂସନୀୟ ବୋଲିବାକୁ ହେବ। କାର୍ଯ୍ୟ ଦେଖି ଜଣା ଗଲା ଯେ ଏଠାରେ ରେଭେନ୍ସା କଲେଜ, କଲେଜିଏଟ ସ୍କୁଲ, ଇଞ୍ଜିନିୟରିଂ ସ୍କୁଲ ଏବଂ ଅଦାଲତ କଚେରିର ସ୍ଥାନ ନିର୍ଣ୍ଣୟ କରିବା ମହୋଦୟଙ୍କର ଶୁଭାଗମନର ପ୍ରଧାନ ଅଭିପ୍ରାୟ ଥିଲା ଏବଂ ସେହି ହେତୁ ଶିକ୍ଷା ବିଭାଗର ଡିରେକ୍ଟର ମହାଶୟ ଏ ନଗରକୁ ଆସିଥିଲେ। କି ସିଦ୍ଧାନ୍ତ ହେଲା ଠିକ ଜଣା ଯାଇ ନାହିଁ ମାତ୍ର ଶୁଣାଯାଏ ଯେ କଲେଜ ଓ କଲେଜିଏଟ ସ୍କୁଲ ବର୍ତ୍ତମାନ ସ୍ଥାନାନ୍ତରିତ ହେବ ନାହିଁ, ଇଞ୍ଜିନିୟରିଂ ସ୍କୁଲ ଯୋବ୍ରା ଜଳଘର ନିକଟରେ ଏବଂ ଅଦାଲତ କଚେରୀ କମିଶନର କଚେରୀ ଉତ୍ତର ଅଥବା ଗଡ଼ଗଡ଼ ଘାଟରେ ହେବ ଏବଂ ଗୌଡ଼ିଆସାହି ସଡ଼କଠାରୁ ପୁଙ୍ଗସାହି ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏ ୬୦ ଏକର ଜମି ସ୍କୁଲ ପିଲାଙ୍କ ଖେଳିବା କାରଣ ନିଆଯିବ। ଭବିଷ୍ୟତରେ ସୁବିଧାମତେ ସେହି ସ୍ଥାନକୁ କଲେଜିଏଟ ସ୍କୁଲ ଉଠିଆସିବ। ଏହା ଠିକ ହେଲେ ନଗର ବାସିମାନେ ଗୋଟିଏ ଚିନ୍ତାରୁ ଉଦ୍ଧାର ପାଇବେ।

---

କଟକ ଟାଉନ ଲାଇବ୍ରେରୀ ହଲ।

ଗତ ଶନିବାର ଅପରାହ୍ନରେ ମାନ୍ୟବର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ବାହାଦୁର ଏଠା ଟାଉନ ଲାଇବ୍ରେରୀ ହଲର ଉଦ୍ଘାଟନ କ୍ରିୟା ସମ୍ପନ୍ନ କରିଥିଲେ। ଲାଟ ମହୋଦୟଙ୍କର ଏ ନଗରରେ ଅବସ୍ଥାନ କାଳ ପ୍ରାୟ ଘ ୭ ଘଣ୍ଟା ମାତ୍ର ଥିଲା। ଏତେ ଅଳ୍ପକାଳ ଦୃଷ୍ଟିରେ ସେ ଉପରୋକ୍ତ କ୍ରିୟା ସମ୍ପନ୍ନ କରିବା କାରଣ ୧୫ ମିନିଟରୁ ଅଧିକ ସମୟ ଦେଇ ନ ପାରିବାର କଥା ହୋଇଥିଲା। ବାବୁ ଗୌରୀଶଙ୍କର ରାୟ ଏହି ଘର ଆପଣା ବ୍ୟୟରେ ନିର୍ମାଣ କରାଇଅଛନ୍ତି ଏବଂ ତାଙ୍କର ଅଭିଳାଷମତେ ଲାଟ ମହୋଦୟ ଉକ୍ତ କ୍ରିୟା ସମ୍ପନ୍ନ କରିବାକୁ ସମ୍ମତ ହୋଇ ସମୟାଭାବରେ ସେହି ହଲରେ ଏଠା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସଙ୍ଗେ ସାକ୍ଷାତ କରିବାର ଅଭିପ୍ରାୟ ପ୍ରକାଶ କରିବାରୁ ବାବୁ ମହାଶୟଙ୍କ ଆମନ୍ତ୍ରଣମତେ ଏଠା ମାନ୍ୟଗଣ୍ୟ ପ୍ରାୟ ସମସ୍ତ ଲୋକ ସଭାସ୍ଥଳରେ ସମବେତ ହୋଇ ହଲ ଗୃହକୁ ପୂର୍ଣ୍ଣ କରିଥିଲେ। ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ମୟୂରଭଞ୍ଜର ମହାରାଜା, କେନ୍ଦୁଝର, ଢେଙ୍କାନାଳ ଓ ପାଲଲହଡ଼ାର ରାଜାମାନେ ସମୁପସ୍ଥିତ ଥିଲେ। ଲାଟ ମହୋଦୟ ଶ୍ରୀଯୁକ୍ତ କମିଶନର, କଲେକ୍ଟର, ଓ ପ୍ରାଇଭେଟ ସେକ୍ରେଟରୀ ଓ ପୁଲିସ ସାହେବଙ୍କ ସଙ୍ଗେ ପ୍ରାୟ ଘ ୫ ଘଣ୍ଟା ସମୟରେ ମିଉନିସିପାଲିଟି ଅଫିସ ନିକଟରେ ପହଞ୍ଚିବାରୁ ସେଠାରୁ ବାବୁ ମହାଶୟ ତାଙ୍କୁ ପାଛୋଟି ନେଇଆସିଲେ। ସଭାଗୃହ ଏବଂ ଚତୁର୍ଦ୍ଦିଗ ବହୁସଂଖ୍ୟକ ଲୋକରେ ଆଗରୁ ପୂର୍ଣ୍ଣ ହୋଇଥିଲା ଏବଂ ଲାଟ ମହୋଦୟଙ୍କ ପଛେ ପଛେ ଜନସ୍ରୋତ ବୋହିଆସିବାରୁ ଘୋର ଭିଡ଼ ହୋଇଗଲା। ଲାଟ ମହୋଦୟ ଗୃହମଧ୍ୟରେ ନିର୍ଦ୍ଦିଷ୍ଟ ମଞ୍ଚ ଉପର ଆସନ ଗ୍ରହଣ କରିବାରୁ ଏଠା ମିଉନିସିପାଲିଟିର ଚେୟାରମ୍ୟାନ ବାବୁ ଜାନକୀନାଥ ବସୁ ମହାଶୟ ପ୍ରକାଶ କଲେ ଯେ ଏ ନଗରରେ ଆଦୌ କୌଣସି ସାଧାରଣ ଗୃହ ନ ଥିଲା। ସର୍ବସାଧାରଣଙ୍କୁ ସଭା କରିବାପାଇଁ କଟକ ପ୍ରିଣ୍ଟିଙ୍ଗ କମ୍ପାନୀ ତାଙ୍କ ହଲଗୃହ ଛାଡ଼ିଦେଉଥିଲେହେଁ ତହିଁରେ ଲୋକମାନଙ୍କର ଅସୁବିଧା ହେଉଥିଲା। ୬୦ ବର୍ଷ ତଳେ ଏଠାର କେତେକଜଣ ଲୋକ ମିଳି ଗୋଟିଏ ପୁସ୍ତକାଳୟ ସ୍ଥାପନ କରିଥିଲେ ମାତ୍ର ପୁସ୍ତକାଳୟଟି ଗୋଟିଏ ଅପ୍ରଶସ୍ତ କୋଠରୀରେ ହୋଇଥିଲା। ସେଥିସକାଶେ କୌଣସି ଉପଯୁକ୍ତ ଗୃହ ନ ଥିବା ଓ ଅନ୍ୟାନ୍ୟ କାରଣରୁ ସେ ପୁସ୍ତକାଳୟଟିର ଅସ୍ତିତ୍ୱ ଲୋପ ହେଲା। ବାବୁ ଗୌରୀଶଙ୍କର ସ୍ୱୟଂ ଉକ୍ତ ପୁସ୍ତକାଳୟ କମିଟିର ଜଣେକ ସଭ୍ୟ ଥିଲେ ଏବଂ ପୁସ୍ତକାଳୟଟିର ଅସ୍ତିତ୍ୱ ଲୋପ ହେବାରୁ ଯେଉଁ କେତେଖଣ୍ଡି ପୁସ୍ତକ ଥିଲା ତାହା ଗୌରୀଶଙ୍କର ବାବୁଙ୍କ ନିକଟ ରହିଗଲା। ସେହି କାଳରୁ ଗୋଟିଏ ପୁସ୍ତକାଳୟ ଓ ତତ୍ସଙ୍ଗେ ଗୋଟିଏ ସଭାସମିତିର ଅଧିବେଶନ ଓ ବନ୍ଧୁଲୋକ ଏକତ୍ରିତ ହୋଇ ପଠନାଦି କରିବା କାରଣ ପ୍ରଶସ୍ତ ଗୃହଟିଏ କରିବାର ଇଚ୍ଛା ତାଙ୍କ ମନରେ ଜାଗରୂକ ହୋଇଥିଲା। ଇତିମଧ୍ୟରେ ସର୍ବସାଧାରଣ ଏଥିର ଆବଶ୍ୟକତା ବୁଝି ଅନେକଥର ଚେଷ୍ଟା କରିଥିଲେହେଁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟରେ ପରିଣତ ହେଲା ନାହିଁ। ଗୌରୀଶଙ୍କର ବାବୁ ପରିଶେଷରେ ଆପଣା ବ୍ୟୟରେ ଗୋଟିଏ ହଲ ଓ ଲାଇବ୍ରେରୀଘର ପ୍ରସ୍ତୁତ କରିବା କାରଣ କୃତସଂକଳ୍ପ ହୋଇ ଏଠା ଯୁବିଲି ଉଦ୍ୟାନରେ ଓ ମିଉନିସିପାଲିଟିର ତତ୍ତ୍ୱାବଧାନରେ ଗୃହଟି ନିର୍ମାଣ ହେବାର ପ୍ରସ୍ତାବ କରିବାରୁ ମିଉନିସିପାଲିଟି ତହିଁରେ ଅନୁମତି ପ୍ରଦାନ କରନ୍ତେ ଘରଟିଏ ନିର୍ମିତ ହୋଇଅଛି ଏବଂ ଅତି ଚଞ୍ଚଳ ଓ ସୁନ୍ଦରଭାବରେ ଘର ନିର୍ମାଣ କରାଇଥିବାରୁ ଏଠା ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଶ୍ରୀଯୁତ ବସନ୍ତସ୍ୱରୂପ ସାହେବ ଧନ୍ୟବାଦର ପାତ୍ର ଅଟନ୍ତି। ଘରଟି ନିର୍ମାଣ କରିବା କାରଣ ଟ ୧୦୨୭୭ ଙ୍କା ଇଷ୍ଟିମେଟ ହୋଇଅଛି ଏବଂ ଗୌରୀଶଙ୍କର ବାବୁଙ୍କ ଅବସ୍ଥାର ଲୋକ ଏତେ ବ୍ୟୟର ଭାର ସମ୍ପୂର୍ଣ୍ଣରୂପେ ଆପଣା ଉପରେ ନେଇଥିବାରୁ ସେ ଅଶେଷ ଧନ୍ୟବାଦର ପାତ୍ର। ଏ ଘର ବର୍ତ୍ତମାନ ନିର୍ମିତ ହୋଇ ସାଧାରଣଙ୍କର ଗୋଟିଏ ବୃହତ୍ ଅଭାବ ମୋଚନ କରୁଅଛି ଏବଂ ଦାତାଙ୍କ ଇଚ୍ଛାମତେ ଏଥିର ନାମ ଟାଉନ ଲାଇବ୍ରେରୀହଲ ହୋଇଅଛି। ବର୍ତ୍ତମାନ ଏହାକୁ ଉଦ୍ଘାଟନ କରିବାର କ୍ରିୟା ମାତ୍ର ଅବଶିଷ୍ଟ ଅଛି ଏବଂ ତାହା ସମ୍ପନ୍ନ କରିବା କାରଣ ଶ୍ରୀମୂଳ ପ୍ରାର୍ଥନା ହେବାମାତ୍ରକେ ଶ୍ରୀ ଅନୁଗ୍ରହ ସହକାରେ ତାହା ଗ୍ରହଣ କରିଥିବାରୁ ଆମ୍ଭମାନଙ୍କର ସର୍ବାପେକ୍ଷା ସମଧିକ ଧନ୍ୟବାଦର ପାତ୍ର ଅଟନ୍ତି। ଏହା କହି ଜାନକୀବାବୁ ଲାଟମହୋଦୟଙ୍କୁ ହଲଗୃହ ଉଦ୍ଘାଟନ କରି ତାଙ୍କର ନାମ ହଲ ସଙ୍ଗେ ଚିରକାଳ ସକାଶେ ସଂଯୋଜିତ କରିବା କାରଣ ପ୍ରାର୍ଥନା କରି ଉପବେଶନ କଲେ। ତହୁଁ ଲାଟମହୋଦୟ ଗାତ୍ରୋତ୍ଥାନପୂର୍ବକ ପ୍ରକାଶ କଲେ ଯେ ଅଜ ପ୍ରାତଃକାଳରେ ମୁଁ ପୁରୀଠାରେ ସେଠା ହସ୍ପାତାଲ ଗୃହରେ ଗୋଟିଏ ଦାତାଙ୍କର ଦାନ ସ୍ୱୀକୃତ ଚିହ୍ନ ଉନ୍ମୋଚନ କରିଆସିଅଛି। ସେହି ଦାତାଙ୍କର ମାତାର ଆଖିରେ ଛାନି ପଡ଼ିଥିଲା ଏବଂ ସେ ଚକ୍ଷୁ ହରାଇବାକୁ ବସିଥିଲେ। ପୁରୀ ହସ୍ପାତାଲରେ ତାଙ୍କର ଚିକିତ୍ସା ହୋଇଥିଲା ଏବଂ ସେହି ଚିକିତ୍ସାରେ ସେ ଆରୋଗ୍ୟଲାଭ କଲେ। ମାତୃଭକ୍ତ ପୁତ୍ର ମାତାଙ୍କର ଆରୋଗ୍ୟରେ ଏମନ୍ତ ଆନନ୍ଦିତ ହେଲେ ଯେ କୃତଜ୍ଞତାସ୍ୱରୂପ ସେହି ହସ୍ପିଟାଲ ଗୃହର ଉନ୍ନତି କାର୍ଯ୍ୟ ସକାଶେ ଟଙ୍କା ଆବଶ୍ୟକ ହେବାରୁ ଏକାବେଳକେ ଦଶହଜାର ଟଙ୍କା ଦାନ କଲେ। ସେ ଦାତା ପୁରୀର ନ ଥାଇ ପଞ୍ଜାବିଲୋକ

Digitized by srujanika@gmail.com

ଏବଂ କଲିକତାରେ ବନ୍ଦୋବସ୍ତ କରନ୍ତି । ମାତ୍ର ଏଠାରେ ଗ୍ରାମ୍ୟଲୋକ ବଦାନ୍ୟତା ଦେଖାଇ ଏହି ସତ୍କାର୍ଯ୍ୟରେ ଅଗ୍ରସରରେ ଏତେ ଅଧିକ ଟଙ୍କା ଦାନ କରିଅଛନ୍ତି । ସାଧାରଣ ହିତସାଧକ କାର୍ଯ୍ୟରେ ସାହାଯ୍ୟ କରିବାର ସରକାରଙ୍କର କର୍ତ୍ତବ୍ୟକାର୍ଯ୍ୟ ଅଟେ ଏବଂ ଯେ ବ୍ୟକ୍ତି ତହିଁରେ ଅଗ୍ରସର ହୁଅନ୍ତି ସେ ସରକାରଙ୍କର ବନ୍ଧୁ । ଯେ କୌଣସି ଲୋକ ସରକାରଙ୍କର ଅପେକ୍ଷା ନ ରଖି ହାତରୁ ଖର୍ଚ୍ଚ କଲେ ସେ ଅବଶ୍ୟ ସରକାରଙ୍କ ସଙ୍ଗେ ଯୋଗ ଦେବାପରି ହୋଇଗଲା । ଏଥିରେ ସରକାରଙ୍କୁ କଷ୍ଟ କାର୍ଯ୍ୟ କରିବା କାରଣ ଆହ୍ୱାନ କଲେ ସରକାରଙ୍କର ଅଗ୍ରେ ତାହା କରିବା ଉଚିତ । ଏଣୁ ଆମ୍ଭେ ଆନ୍ତରିକ ସହକାରେ ତାହାଙ୍କ ମାନସ ପୂରଣ କରିବା କାରଣ ଏହି କିମ୍ବା ଉତ୍ସାହ କରିବାକୁ ପ୍ରବୃତ୍ତ ହୋଇ ଏକଲ ଦାନ ନିମିତ୍ତ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ଜାନକୀବାବୁ ଆମ୍ଭଙ୍କୁ କହୁଅଛନ୍ତି ଯେ ଏଥିସଙ୍ଗେ ଯେଉଁ ପୁସ୍ତକାଳୟ ସ୍ଥାପିତ ହେବାର ପ୍ରସ୍ତାବ ହୋଇଅଛି ତହିଁରେ ଅର୍ଥର ତ୍ରୁଟି ନାହିଁ । ସରକାରଙ୍କ ପକ୍ଷରୁ ଅନ୍ୟୁନ ଟ ୧୦୦୦ ଙ୍କା ଦେଲେ ଏବଂ ସାଧାରଣ ଶୁଭାକାଂକ୍ଷୀ ଟ ୨୦୦୦ ଙ୍କା ଉଠିଲେ ତିନି ହଜାର ଟଙ୍କାରେ ସୁନ୍ଦର ପୁସ୍ତକାଳୟଟିଏ ହେବ । ଏହି ସୁନ୍ଦର ଖବର ଦେଖି ଆମ୍ଭେ ବିଶେଷ ସନ୍ତୋଷ ଲାଭ କରିଅଛୁଁ ଏବଂ ଭରସା କରୁଁ ସର୍ବସାଧାରଣ ଏଥିରେ ସାହାଯ୍ୟ କରି ଏମନ୍ତ ବିଷୟମାନ ଆଲୋଚନା କରିବେ ନ ଯହିଁରେ ଏଠା ସର୍ବସାଧାରଣଙ୍କର ମହାମାନ୍ୟ ପ୍ରଭୁ ଗବର୍ଣ୍ଣମେଣ୍ଟଙ୍କର ଆସ୍ଥା ରହିବ, ଏହିରୂପେ ଗୋଟିଏ ସୁନ୍ଦର ବକ୍ତୃତା ଦେଇ ଲାଟ ମହୋଦୟ ସ୍କୁଲଟି ଉଦ୍ଘାଟିତ ହେବାର ପ୍ରକାଶ କରି ଜାନକୀବାବୁଙ୍କ ଆହ୍ୱାନମତେ ଯେଉଁ କେତେଖଣ୍ଡି ପୁସ୍ତକ ସଜ୍ଜିତ ହୋଇ ରଖାଯାଇଥିଲା ତାହା ଦେଖି ଆପଣାର ସନ୍ତୋଷ ପ୍ରକାଶପୂର୍ବକ ବିଦାୟ ହୋଇଗଲେ । ଏ ଦିନର କାର୍ଯ୍ୟାବଳୀ ଅତୀବ ପରିପାଟିରୂପେ ସମ୍ପନ୍ନ ହୋଇଥିବାର ଦେଖି ଆମ୍ଭେମାନେ ବିଶେଷ ଆନନ୍ଦିତ ହେଉଅଛୁଁ । ସ୍କୁଲଟି ଉଦ୍ଘାଟିତ ହେବାର ଶୁଣି ଆମ୍ଭମାନଙ୍କର ସହୃଦୟ ବନ୍ଧୁ ବାବୁ ମଧୁସୂଦନ ଦାସ ସି, ଆଇ, ଇ ମହାଶୟ ୨୦୦ ଖଣ୍ଡ ଚୌକି ଓ ୪ ଟି ବଡ଼ ଲମ୍ପ ଏବଂ ଶ୍ରୀ ୬୧ ଖଣ୍ଡ ବ୍ୟବହାର୍ଯ୍ୟ ପୁସ୍ତକ ଦାନ କରିଅଛନ୍ତି । ଏ ଛଡ଼ା ପୂର୍ବ ପୁସ୍ତକାଳୟର ମେଜ, ଆଲମାରି, ଅବଶିଷ୍ଟ ପୁସ୍ତକ ସହିତ ଖଣ୍ଡ ଚୌକି ଓ ଅନେକଗୁଡ଼ିଏ ବ୍ୟବହାର୍ଯ୍ୟ ପୁସ୍ତକ ବାବୁ ଗୌରୀଶଙ୍କର ରାୟ ଓ ଆହୁରି କେତେ ପୁସ୍ତକ ବାବୁ ସୁଦାମଚରଣ ନାୟକ, ବାବୁ ଅକ୍ଷୟକୁମାର ଘୋଷ, କବିରାଜ ଉଦ୍ଧବଦାସ ଓ ବାବୁ ଗୋପବନ୍ଧୁଙ୍କର ଦାସ ଦେଇଅଛନ୍ତି । ଉପସ୍ଥିତ ଭଦ୍ରଲୋକମାନେ ଉକ୍ତ ପୁସ୍ତକାଳୟର ଅଙ୍ଗ କରି ଦେଖି ଆନନ୍ଦ ପ୍ରକାଶ କରିଥିଲେ । ବର୍ତ୍ତମାନ ବାସ୍ତବରେ ଗୋଟିଏ ଅଭାବ ମୋଚନ ହୋଇଗଲା ଏବଂ ସର୍ବସାଧାରଣ ଏଠାରେ ସନ୍ନିବେଶ ହୋଇ ସ୍ୱାଧୀନମତ ବିଦ୍ୟାର ଓ ସ୍ୱଦେଶ ହିତକର ବିଷୟର ଆଲୋଚନା କରିବାକୁ ଦେଖିଲେ ଆମ୍ଭେମାନେ ପରମସୁଖୀ ହେବୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ସବ ଜଜ୍ଜ ବାବୁ ଗୋପୀନାଥ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ବାବୁ ଦେବେନ୍ଦ୍ରନାଥ ଦାସ ମୁଜାଫରପୁର ଚାଲାଇବାର ଅର୍ଥ କାର୍ଯ୍ୟକ ନିଯୁକ୍ତ ହେଲେ ।

ସ୍ୱଗର ଅଫିସିଏଟିଂ ସବଡିଭିଜନାଲ ବାବୁ ମୋତିଲାଲ ରାୟ ନିଜ କାର୍ଯ୍ୟରେ ବାହାଲ ହେଲେ ।

ବ୍ରାହ୍ମଣୀ କେଉଁରଣୀ ଡାକ୍ତରର ଓଭରସିଅର ବାବୁ ମଧୁସୂଦନ ପଟ୍ଟନାୟକ ସମ୍ବଲପୁର ଛାଉଣୀକୁ ବଦଳି ହେଲେ ।

ଅସ୍ତ୍ରଅପବା ସାବଷ୍ଟର ଡାକ୍ତରର ଓଭରସିଅର ବାବୁ ସୁରେନ୍ଦ୍ରନାଥ ସରକାରଙ୍କର ସମ୍ବଲପୁର ଡାକ୍ତରକୁ ବଦଳି କରିବାର ଅଦେଶ ରଦ୍ଦ ହେଲା ।

ସ୍ୱରର ସବ ଡେପୁଟି କଲେକ୍ଟର ବାବୁ ଅଭୟଚରଣ ଦେଉଙ୍କର ସମ୍ବଲପୁର ଜଜ୍ଜର ପୁରୀ ନାମା ଛଡ଼ତ ହେବାର ଅଦେଶ ରହିତ ହେଲା ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ଅକାଶ ପରିଷ୍କାର ଓ ସାମାନ୍ୟ କୁହୁଡ଼ି ହୋଇଥିବ ।

ସାଧାରଣ ସ୍ୱାସ୍ଥ୍ୟ ଭଲ ମାତ୍ର ବସନ୍ତରେ ଏକଜଣ ମରିଅଛନ୍ତି ।

ଏ ନଗରରୁ ମାରଖାତ ଏବଂ ରୋଜଗାରୀମାନଙ୍କର କୋଳ ଗୋଷ୍ଠୀ ଗତ ବୁଧବାର ହୋଇଥିଲା ।

ଏ ସପ୍ତାହରେ ଏ ନଗରରେ କେତେଟା ପରିବାର ହୋଇ ଥିବାରୁ ପୁଲିସ ସଜାଗ ହୋଇ ଅନୁସନ୍ଧାନ କରୁଅଛନ୍ତି ।

ଏଠା ବାଙ୍ଗାଳୀବାବୁ ବାବୁଙ୍କ ଦେହରାର ଦେବେନ୍ଦ୍ର ଗାଡ଼ି ଉମସଡ଼ା ରାସ୍ତାରେ ସ୍ୱାମୀମାନଙ୍କରେ ସଙ୍ଗ ରହିଥିଲା ତାହାର ଗୋଟିଏ ଗାଡ଼ି କେହି ଚୁରି ନେଇଥିବାରୁ ଉକ୍ତ ଗାଡ଼ି ପରୀକ୍ଷା ସହାନ୍ତେ ଏଠାକୁ ଅଣାଯାଇ ।

ଗୋଲୁମାନଙ୍କ ଦଶ ଗୋଟିକା ଅପରାଧରେ ବୋବନ ବେହେରା ଓ ମାଜନ ସାମଲ ଓଡ଼ଗର ନ ଜଣ ଅସାମି ଗତ ବୁଧବାର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ବାବୁଙ୍କ କଟକରେ ଟ ୧୦୦ ଙ୍କା ଜାମିନ ଦେବା ଓ ନ ଦେଲେ ତ ୧ ବର୍ଷ କୟେଦର ଅଦେଶ ହୋଇଅଛି ।

ସ୍କୁଲରେ ଗତ ବୁଧବାର ରାତ୍ରିରେ ଏକଜଣ ସାମାନ୍ୟ ବୃଷ୍ଟି ହୋଇଥିଲା ।

ସତ୍ତ ସିଦ୍ଧର ଏକ ମୋକଦ୍ଦମାର ଠାକୁର ସାମାନ୍ୟରେ ଜଣେ ଓ ଜ୍ୱର ହେଉଅଛି ।

ଗତ ୧୮ ଇଶ ରାତ୍ରିରେ ଡାକଘରରେ ବଜ୍ରମ ବୃଷ୍ଟି ହୋଇଥିଲା । ସେଥିରେ ଅକାଶରେ ଉଜ୍ଜ୍ୱଳ ଦେଖା ଯାଇଥିଲା । ରାତ୍ରିରେ ଉତ୍ତର ଦିଗ ସାଏ ନାହିଁ ବୋଲି ଯେଉଁମାନେ ମନେ କରିଥିଲେ ସେମାନଙ୍କ ଉଚିତରେ ଏ ବୃଷ୍ଟି ହିତକର ଅଟେ । ଶାଃ ବାଃ

ଏପରଗଡ଼ରେ ସେହି ସମୟରେ ସାମାନ୍ୟ ବୃଷ୍ଟି ହୋଇଥିଲା । ଖାଃ ବାଃ

ଗାଙ୍ଗପୁରର ରାଜା ଶ୍ରୀ ମାତ୍ରେଶ୍ୱର ପ୍ରସାଦ ଦେଓଙ୍କର ରାଜ୍ୟାଭିଷେକ ଉତ୍ସବ ଗତ ତା ୮ ଦିନରେ ସମାରୋହ ସହିତ ସମ୍ପନ୍ନ ହୋଇ ଯାଇଅଛି । ଭିଃ ବାଃ

ଉତ୍କଳପୁର ନିକଟସ୍ଥ ସୁଲତାନ ଗ୍ରାମର ଗ୍ରାମରେ ଗଲାଥିବା ଭେଟି ଏକଥରେ ସ୍ୱ ସ୍ୱ ପୁତ୍ର କନ୍ୟାମାନଙ୍କର ବିଭା ଦେଉଅଛନ୍ତି । ବର ଓ କନ୍ୟାମାନେ ଏକ ସ୍ଥାନରେ ବସି ବିବାହ ହେବା ପୁଣି ସମସ୍ତଙ୍କର ବିଭା ଭାଗବ ଏକଥରେ କରି ଅହ୍ଲାଦ କରିବା ଦୃଶ୍ୟ ଉତ୍ତମ ହୋଇଥିଲା । ଏପରି ମିଳିତ ହୋଇ କାର୍ଯ୍ୟ କରିବାର ଦୃଷ୍ଟାନ୍ତ କୋଥ ହୁଏ ଉତ୍କଳର ଅନ୍ୟ କୌଣସି ସ୍ଥାନରେ ଦେଖାଯାଏ ନାହିଁ । ଉଃ ବାଃ

ରମ୍ଭାରୁ ଯଥେଷ୍ଟ ପରିମାଣରେ ପ୍ରଜାଙ୍କ ଶସ୍ୟ ଉତ୍ପାତ ହେବାରୁ ଆଉ କୌଣସି ଶଙ୍କା ହେବାର ନାହିଁ । ସ୍ୱଃ ବାଃ

ବିଶ୍ୱେଶ୍ୱର ମାଜିଷ୍ଟ୍ରେଟ କଟକରୁ ଭୁବନେଶ୍ୱର ଦେଇ ୫ ଦିନ ଏବଂ ମଧ୍ୟରେ ୧୦୧ ଟା-ବାସ ଯେ କରାଇଅଛନ୍ତି ତଥାପି ସେଠାରେ ବାସର ଦୋଷର ଭଣା ହୋଇ ନାହିଁ । ରାଜ୍ୟର ବାଣିଜ୍ୟମାନଙ୍କୁ ଅଧିକ ଉତ୍ସାହ ଦେବା ଉଚିତ । ସ୍ୱଃ ବାଃ

ଗଞ୍ଜାମ ଜିଲାର ଅନେକ ସ୍ଥଳରେ ସ୍ୱଳ୍ପ ମୁଲ୍ୟରେ ଖାଇବା ବ୍ୟବସ୍ଥା ଥିବାରୁ ବହୁ ଲୋକେ ଏହି ସବୁ ସ୍ଥାନରେ ବଜାର ଶୁଭକାର୍ଯ୍ୟ କରୁଅଛନ୍ତି । ସେମାନେ ଦେଶମାନଙ୍କୁ ଲୋମାଷ କରିଅଛନ୍ତି । ଗଃ ବାଃ

## ଗଞ୍ଜାମ ସମ୍ବାଦ ।

ଏଠା ସ୍ୱାବଲମ୍ବୀ କୋଷ୍ଟା ଗୋଦାମରୁ ବଡ଼ ଛାଞ୍ଚ ରାସ୍ତାରେ ସିନ୍ଧି ଦେଇ ହୋଇ ଡାକ୍ତ ନିଶ୍ଚିତ ଟଙ୍କାର ଲୁଗପତ୍ର ସେଠା ଯାଇଅଛି ।

ଗତ ମାସରୁ ଫଲିଜରା ଗ୍ରାମ ସୋଷ୍ଟାପିସରେ ଚିଠିର ମୁଦ୍ରଣ ହୋଇଅଛି । ଏ ସୁବ୍ୟବସ୍ଥା କରୁଥିବା ପରେ ସିଦ୍ଧ ହେଲା ।

ଗତ ତା ୨୩ ଦିନଠାରୁ ନଗରରେ ଅନେକ ଲୋକ ଜଣ୍ଡିବାଲକ୍ଷ୍ମୀ ପୂଜାର ଉତ୍ସବରେ ଗୋଟିଏ ଭଗବତ ମେଳା ହୋଇ ପରମାନନ୍ଦ ସହିତ ଓ ଜାତର ଦର୍ଶନ ସମ୍ବାଦ ହୋଇଥିବ ଏବଂ ସାଧୁ ପ୍ରଭୃତି ଦ୍ରବ୍ୟର ସାଥ ତୁଳନାର ପାଏ କେଉଁ ମୂଲ୍ୟରେ ବିକାଳି ପାଇଥିଲେ । ଧନ୍ୟବାଦର ଯୋଗ୍ୟ ।

## ଅରିଜୋ ସମ୍ବାଦ ।

ଏଠା ସ୍କୁଲର ଅଧିବର୍ତ୍ତୀ ଦରିଦ୍ରା ନାମକ ଜମୀଦାରରେ ବାସପାଳର ଲଡ଼ାଇ ଲାଗିଥିଲା ସେଥିପାଇଁ ଦଙ୍ଗା ସ୍ୱାଗତ ପଠଣରୁ ନ୍ୟାୟ ନ ଥିଲା ।

ଏଠା ସ୍କୁଲର ଛାତ୍ର ସମିତିର ୫ମ ଅଧିବେଶନ ଗତ ତା ୧୫ ଦିନରେ ହୋଇଥିଲା । ସେଥିରେ ଛାତ୍ର ଗୁରୁଙ୍କ ଗଦ୍ୟ ପଦ୍ୟ ପ୍ରବନ୍ଧମାନ ପାଠ କରିଥିଲେ ଓ ସଭାପତି ଗଣାବାବୁ ସ୍ମରଣ ମହାତ୍ମା ଗାନ୍ଧୀଙ୍କ ଧର୍ମ ଓ ଜାତ ଗର୍ବିତ ସମର୍ଥନ ଦେଇ ତୋଷ ସାଧାରଣଙ୍କୁ ପାଠ୍ୟ ପ୍ରଭୃତି କରାଇ ଥିଲେ ।

ଅଳକାର ସ୍ଥାନୀୟ ବସ୍ତ୍ର ବିଶେଷ ଅବଶ୍ୟକ ଦେଖାଯାଏ ।

## ଦେଲ୍ଲୀପଡ଼ା ସମ୍ବାଦ ।

ଗତ ସୋମବାରଦିନ ଏ ପଥରେ ଦେଶ ଦୂର ଦେଖା ଦେଇ ଦ୍ୱାର କାର୍ଯ୍ୟର ଅନେକ ଦୂର ହୋଇଅଛି ।

ଏଠା ଡାକ୍ତରର ହେଡ଼ମାଷ୍ଟର ବାବୁ ସମ୍ବଲପୁର ମିଶ୍ର ଶୀଘ୍ର ମାଷ୍ଟର ହେବ ଅଣି କାର୍ଯ୍ୟ ଛାଡ଼ିବାର ଶୁଣାଯାଏ । କୌଣସି ଅନିବାର୍ଯ୍ୟ କାରଣ ବଶତଃ ଭୁଲି ଦେବା ପକ୍ଷରେ ନ ରହି ସ୍ୱଦେଶ ପ୍ରତ୍ୟାଗମନ

Split by PDF Splitter
Digitized by srujanika@gmail.com

Split by PDF Splitter



ଭରଷା ରଖୁଁ ମେନେଜର ବାବୁ ନଜର ଦୟା ଗୁଣଦ୍ୱାରା ଆମ୍ଭମାନଙ୍କର ମୋଟା ବୁଦ୍ଧିଦ୍ୱାରା ଉତ୍ଥିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଯଥା ସମୟରେ ଆପଣଙ୍କ ପତ୍ରିକାଦ୍ୱାରା ଦେଇ ସନ୍ଦେହ ସାଗରରୁ ଆମ୍ଭମାନଙ୍କୁ ରକ୍ଷା କରିବେ ଏହାହିଁ ଐକାନ୍ତିକ ଭାବରେ ପ୍ରାର୍ଥନା

## ପ୍ରଶ୍ନ

